## ସଂକ୍ଷେପରେ

### ଧାନ ଫସଲ ଉଜାଡ଼ିଲେ ହାତୀପଲ

ସମ୍ବଲପୁର,୧୯।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ତଥା ପଡିଆବାହାଲ ବନାଞ୍ଚଳ ଅନ୍ତର୍ଗତ ନୂଆବରଇମାଲ ପଞ୍ଚାୟତରେ ଶୁକ୍ରବାର ରାତିରେ ହାତୀପଲ ଉପଦ୍ରବ କରିଥିଲେ। ନିକଟସ୍ଥ ଜଙ୍ଗଲରୁ ଆସି ରାତିରେ ସେମାନେ ଧାନ ଫସଲ ନଷ୍ଟ କରୁଛନ୍ତି। ପଞ୍ଚାୟତ ଅଧୀନ ଧଧଲୋମୁଣ୍ଡା ଗ୍ରାମର ଭକ୍ତ ଭୋଇ, ଆଦିତ୍ୟ ଆପା ଓ ଭରତ ବିଶ୍ୱାଳଙ୍କ ୧ ଏକର ଲେଖାଏଁ ଓ ବ୍ରାହ୍ମଣୀପାଲିର ବାସୁଦେବ ପ୍ରଧାନଙ୍କ ପ୍ରାୟ ୧ଏକର ଜମିର ଧାନ ଫସଲକୁ ହାତୀପଲ ନଷ୍ଟ କରିଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ବନବିଭାଗ ନିକଟରେ ଅଭିଯୋଗ କରାଯାଇଥିବା ନେଇ ସୂଚନା ମିଳିଛି ।

## ଜୋରସୋରରେ ଚାଲିଛି ତଦନ୍ତ

### ନାବାଳକଙ୍କୁ ବଳି ସନ୍ଦେହ ଘଟଣା

ଲାଠୋର,୧୯।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅଧିନ ଓଲିଆଁଟି ବୁଡ଼ା ଡୁଙ୍ଗୁରିଠାରେ ଜଳାପାକେଲ ଗ୍ରାମର ନାବାଳକ ସୋମନାଥ ବେମାଲ(୧୧)ଙ୍କ ମୃତଦେହ ଶୁକ୍ରବାର ଜବତ ହେବା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ମୃତ ନାବାଳକଙ୍କ ପରିବାରଲୋକେ ସହ ଗ୍ରାମବାସୀ ବଳି ବୋଲି ସନ୍ଦେହ କରୁଥିବାବେଳେ ପୋଲିସ ପ୍ରାଥମିକ ତଦନ୍ତରୁ ହତ୍ୟା ବୋଲି କହୁଛି। ଶୁକ୍ରବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଓ ଶନିବାର ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୁଜାରୀ, ଆଇଆଇସି ହରିବନ୍ଧୁ ଗଡ଼ତିଆ, କଣ୍ଟାବାଞ୍ଜି ଆଇଆଇସି ଋଷ୍ଟିତା ବେହେରା, ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ଏବଂ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଜଳାପାକେଲ ଗ୍ରାମକୁ ଯାଇ ଅଧିକ ତଦନ୍ତ କରିଥିବା ଦେଖାଯାଇଛି। ନାବାଳକଙ୍କୁ ବଳି ଦେଇଥିବା ନେଇ ପରିବାର ବର୍ଗ ଓ ଗ୍ରାମବାସୀ ଯାହାକୁ ସନ୍ଦେହ କରୁଛନ୍ତି ପ୍ରଥମେ ତାଙ୍କ କୋଠା ଘର ଖୋଲା ଯାଇଥିଲା। କୋଠାରେ ରହିଥିବା ସମସ୍ତ ରୁମ ଖୋଲାଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇଥିଲା। ପରେ ମୃତକଙ୍କ ଅଜା ଦଳ ବେମାଲ, ଗ୍ରାମବାସୀ ମକାରୁ କତା, ପରମେଶ୍ୱର ବେମାଲ, ଓଡେନ କତା, ୨ ଶିଶୁଙ୍କ ପଚରାଉଚରା କରି ତଥ୍ୟ ସଂଗ୍ରହ କରାଯାଇଥିଲା। ପରେ ଗ୍ରାମର ଭଦ୍ର ବଣ୍ଡି, ସରପଞ୍ଚଙ୍କୁ ନେଇ ପୋଲିସ ମୃତଦେହ ଜବତ ହୋଇଥିବା ଡୁଙ୍ଗରି ଏବଂ ଅନ୍ୟାନ୍ୟ ସ୍ଥାନ ବୁଲି ତଦନ୍ତ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ତଦନ୍ତ ଚାଲିଛି। ଖୁବଶିଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।

# ଚରମ ଅବହେଳାର ଶିକାର ରାଣୀପୁର-ଝରିଆଲ

## ୬୪ ଯୋଗିନୀଙ୍କ ନାମ ତାଲିକା ଏଏସ୍‌ଆଇ ପାଖରେ ନାହିଁ

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ନବମ ଶତାବ୍ଦୀର ପ୍ରାଚୀନ କୀର୍ତ୍ତିରାଜି ରାଣୀପୁର-ଝରିଆଲ ସ୍ଥିତ ପ୍ରସିଦ୍ଧ ୬୪ ଯୋଗିନୀ ପୀଠ ଚରମ ଅବହେଳାର ଶିକାର ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ସୂଚନା ଆଇନ ଅଧିକାର ଜରିଆରେ ପ୍ରଦାନ କରାଯାଇଥିବା ତଥ୍ୟରେ ୬୪ ଯୋଗିନୀ ମୂର୍ତ୍ତିମାନଙ୍କ ମଧ୍ୟରୁ ୪୮ଟି ଯୋଗିନୀ ମୂର୍ତ୍ତି ରହିଥିବା କଥା ଆର୍‌.ପି.ମହାପାତ୍ରଙ୍କ ଦ୍ୱାରା ୧୯୮୬ ମସିହାରେ ଲିଖିତ ଓଡ଼ିଶାର ପ୍ରତ୍ନତତ୍ତ୍ୱ ପୁସ୍ତକରୁ ଜଣାପଡେ। ୬୪ ଯୋଗିନୀ ମନ୍ଦିରରୁ ଉଭାନ ହୋଇଥିବା ମୂର୍ତ୍ତିଗୁଡିକ ନଷ୍ଟ ହୋଇଯାଇଛି କିମ୍ବା କାଢ଼ି ଦିଆଯାଇଛି। ପର୍ଯ୍ୟଟକମାନେ ବର୍ତ୍ତମାନ ଦେଖୁଥିବା ମୂର୍ତ୍ତିଗୁଡ଼ିକୁ ସୁରକ୍ଷା ଦୃଷ୍ଟିରୁ ଲୁହା ଜାଲି ଦିଆଯାଇଥିବା କଥା ତଥ୍ୟରେ ରହିଛି। କେନ୍ଦ୍ରୀୟ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ ରାଣୀପୁର- ଝରିଆଲ ଐତିହାସିକ ସ୍ଥଳକୁ ହାତକୁ ନେବା ପୂର୍ବରୁ କୌଣସି ଯୋଗିନୀ ମୂର୍ତ୍ତି ନ ଥିବା ସୂଚନା ବିଭାଗ ପାଖରେ ନାହିଁ। କେଉଁ ମୂର୍ତ୍ତି ୬୪ ଯୋଗିନୀ ରାଣୀପୁର ଝରିଆଲ କୀର୍ତ୍ତିରାଜିରୁ ନିଖୋଜ ହୋଇଛି ତାର ନାମ ବିଭାଗ ପାଖରେ ନାହିଁ ଓ



ରାଣୀପୁର-ଝରିଆଲ ସ୍ଥିତ ୬୪ ଯୋଗିନୀ ପୀଠ।

ବର୍ତ୍ତମାନ ରହିଥିବା ଅବଶିଷ୍ଟ ମୂର୍ତ୍ତିଗୁଡିକର ନାମ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ନାହିଁ ବୋଲି ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ଉଲ୍ଲେଖ ରହିଥିବା ପଣ୍ଡା କହିଛନ୍ତି। କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ସବୁ ଜାଣି ଅଜଣା ରହିବା ଅଭିନୟ କରୁଛି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ନିଖୋଜ ମୂର୍ତ୍ତିଗୁଡିକ କେଉଁ ଯୋଗିନୀଙ୍କର ଥିଲା ଏହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସନ୍ଧାନ କରି ସେହି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ଉଦ୍ୟମ କରିବା ବଦଳରେ କିଛି ଜାଣି ନ ଥିବା କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲରେ ଦେଶର ଅନ୍ୟତମ ବିରଳ ୬୪ ଯୋଗିନୀ ତନ୍ତ୍ର ପୀଠ ରହିଛି। ଅନ୍ୟ ୬୪ ଯୋଗିନୀ ତନ୍ତ୍ରପୀଠ ଅପେକ୍ଷା ଏହା ବୃହଦାକାର। ଏହି ତନ୍ତ୍ର ପୀଠରେ ଚାମୁଣ୍ଡା, ରୁଦ୍ରାଣୀ, ବିକାରିଣୀ, କାମାକ୍ଷା, ଅଘୋରୀ, ତ୍ରିପୁରା ସୁନ୍ଦରୀ, ଡାକିନୀ, ରାକିନୀ, ଲାକିନୀ, ଶାକିନୀ, ହାକିନୀ, ବାରୁଣୀ, ଜ୍ୱାଳିନୀ, ଭଦ୍ର କାଳୀ, ମାତଙ୍ଗୀ, ଚଣ୍ଡି, ଭୈରବୀ, କାଳରାତ୍ରୀ, ଗୌରୀ, ଉମା, ଶାକଂଭରୀ, ଦୁର୍ଗା, ପାର୍ବତୀ, ମାହେଶ୍ୱରୀ, ବିନ୍ଧ୍ୟବାସିନୀ, କାମେଶ୍ୱରୀ, ତ୍ରୈଲୋକ୍ୟମୋହିନୀ ଇତ୍ୟାଦି ୬୪ଟି ଦୁର୍ମୂଲ୍ୟ ଦେବୀ ମୂର୍ତ୍ତି ରହିଥିଲା। ଏହି ସମସ୍ତ ଦେବୀ ମୂର୍ତ୍ତିର ନାମ ଏବଂ ନିଖୋଜ ହୋଇଥିବା ମୂର୍ତ୍ତିଗୁଡିକର ନାମ ଅନୁସନ୍ଧାନ କରାଯାଇ ଖାଲି ରହିଥିବା ନିଖୋଜ ମୂର୍ତ୍ତି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ପଣ୍ଡା ଦାବି କରିଛନ୍ତି।

# ପୋଲିସକୁ ବନ୍ଧୁକ ଦେଖାଇ ଯୁବକ ଗିରଫ



ଗିରଫ ଅଭିଯୁକ୍ତ ମନୋଜ ପଣ୍ଡାଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

- ଟାଉନ୍ ଥାନା ସମ୍ମୁଖରେ ଦେଇଥିଲେ ଧମକଚମକ
- ଅଭିଯୁକ୍ତ ଯୁବକଙ୍କ ବିରୋଧରେ ହୋଇଥିଲା ୨ଟି ମାମଲା

ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଜଣେ ପୋଲିସ ଏଏସ୍‌ଆଇ ଏବଂ ଦୁଇଜଣ ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେବା ଅଭିଯୋଗରେ ପୋଲିସ ମନୋଜ ପଣ୍ଡା ନାମକ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୭ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ପଣ୍ଡା ଟାଉନ୍ ଥାନା ନିକଟରେ ଦୁଇ ଜଣ ଯୁବକଙ୍କୁ ଏବଂ ଜଣେ ଟାଉନ୍ ଥାନା ଏଏସ୍‌ଆଇଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେଇଥିଲେ। ଏନେଇ ଜଣେ ଯୁବକ ଏବଂ ସମ୍ପୃକ୍ତ ଏଏସ୍‌ଆଇଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଟାଉନ୍ ଥାନା ପୋଲିସ ଟିମ୍ ଅଭିଯୁକ୍ତ ପଣ୍ଡାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଥିଲା। ବିଳମ୍ବିତ ରାତିରେ ଟାଉନ୍ ଥାନା ସମ୍ମୁଖରେ ଧମକଚମକ ଘଟଣାଟି ସିସି ଟିଭିରେ ରେକର୍ଡ ହୋଇଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି। ତେବେ କେଉଁ କାରଣରୁ ସମ୍ପୃକ୍ତ ଯୁବକ ଜଣକ ବନ୍ଧୁକ ଧରି ଧମକ ଚମକ୍ ଦେଲେ ସେନେଇ ପୋଲିସ ସମ୍ପୂର୍ଣ୍ଣ ଘଟଣା ଗଣମାଧ୍ୟମକୁ ଜଣାଉନାହିଁ। ଗତ ୧୭ ତାରିଖ ଘଟଣାଟି ଘଟିଥିଲେ ମଧ୍ୟ ଏହାକୁ ଚପେଇ ଦେବା ଉଦ୍ୟମ ହେଉଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ବନ୍ଧୁକ ଦେଖାଇବା ଘଟଣାକୁ ନେଇ ପୋଲିସ ସଂଘ ହସ୍ତକ୍ଷେପ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ଡିପିଓ ସାହୁଙ୍କ ସୂଚନା ମୁତାବକ ଗିରଫ ଅଭିଯୁକ୍ତ ପଣ୍ଡାଙ୍କ ବିରୋଧରେ ପୂର୍ବରୁ ଠକାମି ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ବନ୍ଧୁକ ଦେଖାଇ ଧମକଚମକ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ୧୯ ତାରିଖ ରାତି ସୁଦ୍ଧା ଉକ୍ତ ବନ୍ଧୁକ ଜବତ କରିପାରିନାହିଁ। ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଖୋଜାଖୋଜି କରୁଥିବା ଜଣାପଡିଛି। ପୋଲିସକୁ ବନ୍ଧୁକ ଦେଖାଇ ଧମକ ଦେବା ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

# ଦ୍ୱିତୀୟ ସ୍ଥାନରେ ହୀରାକୁଦର କଳାକାର



ହୀରାକୁଦ ଜିଗ ଜାଗ-ଦ ବର୍ଣ୍ଣ ଅଫ ଆର୍ଟ କଳାକାର ପୁରସ୍କାର ଗ୍ରହଣ କରୁଛନ୍ତି ।

ସମ୍ବଲପୁର,୧୯।୧୦(ବି.ଶଙ୍କର)

### ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ପ୍ରତିଯୋଗିତା

ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ସ୍ଥିତ ଜିଗ ଜାଗ-ଦ ବର୍ଣ୍ଣ ଅଫ ଆର୍ଟ ଅଂଶଗ୍ରହଣ କରି ସଫଳତା ହାସଲ କରିଛି । ଶନିବାର ଅନୁଷ୍ଠାନ ସଭାପତି କାର୍ତ୍ତିକ କଲେତ ଏବଂ ସମସ୍ତ କାର୍ଯ୍ୟକର୍ତ୍ତାମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି କଳାକାରମାନଙ୍କୁ ହୀରାକୁଦ ସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଦିଲ୍ଲୀ ସ୍ଥିତ ଡିଆଇଇଇଏଫ ଇଣ୍ଡିଆ ପକ୍ଷରୁ ଦିଲ୍ଲୀ ହାଟ ଆଇଏନଏଠାରେ ପ୍ରତିଯୋଗୀତା ହୋଇଥିଲା । ଏଥିରେ ଦେଶର ପ୍ରତିଯୋଗୀଙ୍କ ସମେତ ମାଲେସିଆ, ଇରାନ ଓ ୟୁକ୍ରେନର ନୃତ୍ୟଦଳ ଅଂଶ ଗ୍ରହଣ କରିଥିଲେ । ଏଥିରେ ଜିଗ ଜାଗ- ଦ ବର୍ଣ୍ଣ ଅଫ ଆର୍ଟ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଶୁକ୍ରବାର ପ୍ରତିଯୋଗୀତାର ଫାଇନାଲ ରାଉଣ୍ଡ ହୋଇଥିଲା । ଓଡ଼ିଶାରୁ ଗୋଟିଏ ମାତ୍ର ଟିମ ଜିଗ ଜାଗ-ଦ ବର୍ନ ଅଫ ଆର୍ଟ ଅଂଶ ଗ୍ରହଣ କରିଥିଲା । ଓଡ଼ିଶାର କଳା ସଂସ୍କୃତିକୁ ବଜାୟ ରଖିବା ସହ ରାଜ୍ୟକୁ ଗର୍ବିତ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଅନୁଷ୍ଠାନ ସଭାପତି କଲେତ କହଛନ୍ତି ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜି ଗସ୍ତ

### ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ସ୍ମାରକପତ୍ର

କଣ୍ଟାବାଞ୍ଜି,୧୯।୧୦(ଗୁରୁଦୟାଲ ହଂସ)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଶନିବାର କଣ୍ଟାବାଞ୍ଜିକୁ ଦିନିକିଆ ଗସ୍ତ ଥିଲା। ମନ୍ତ୍ରୀ ମହାଲିଙ୍ଗ କଣ୍ଟାବାଞ୍ଜି ପହଞ୍ଚିଲା ପରେ ସହର ବିଭିନ୍ନ ସଙ୍ଗଠନ ସହ ଭାଜପାର କର୍ମକର୍ତ୍ତା ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅଗ୍ରୱାଲ ସଭା ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହରିଭବନଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାକୁ ନେଇ ପ୍ରେସ କ୍ଲବ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା, କଣ୍ଟାବାଞ୍ଜି ଡାକ୍ତରଖାନାରେ ଥିବା ବ୍ଲଡ଼ ବ୍ୟାଙ୍କରେ ବ୍ଲଡ଼ ସେପାରେସନ ୟୁନିଟ୍, ଚକ୍ଷୁ ରୋଗୀଙ୍କ ପାଇଁ ଚକ୍ଷୁ ଡାକ୍ତରଖାନା, କିଡନୀ ରୋଗୀଙ୍କ ପାଇଁ ଡାଇଲେସିସର ସୁବିଧା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, ଉପସଭାପତି ମନୋଜ ଶର୍ମା, ପରାମର୍ଶଦାତା ଆଶିଷ ଖୈତାନ, ଆନନ୍ଦ ମୋଟେ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗୀତା



କ୍ଲବସ୍ତରୀୟ ଖେଳକୁଦ ପ୍ରତିଯୋଗୀତାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ ।

ସମ୍ବଲପୁର,୧୯।୧୦(ବି.ଶଙ୍କର)

ନକଉଡା କ୍ଲବସ୍ତରୀୟ ଖେଳକୁଦ ପ୍ରତିଯୋଗୀତା-୨୦୨୪ ଶନିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଡ.ସୂର୍ଯ୍ୟପ୍ରକାଶ, ସମ୍ମାନୀତ ଅତିଥିଭାବେ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପ୍ରଧାନଶିକ୍ଷକ ଲୋକିତା ଦାଶ, ଲେଡି ଲୁଇସ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଜିତ ଲୁହା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ବୁଢ଼ାରଜା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ ଆଥଲେଟିକ ସମ୍ପାଦକ ଭୀମସେନ ବାରିକ ଅତିଥି ସ୍ୱାଗତ କରିଥିଲେ। ଖେଳଶିକ୍ଷକ କ୍ଷୀରେଶ୍ୱର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳଶିକ୍ଷକ ରୀନା ପଟ୍ଟନାୟକ, ପୁଷ୍ପାବତୀ ମେହେର, ସୁପ୍ରଜିତ ସାହୁ, ଜୟନ୍ତ ପିଙ୍ଗ ଓ ରାଜରାମ ପଣ୍ଡା ଇଭେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରତିଯୋଗିତାରେ କ୍ଲବ ଅନ୍ତର୍ଗତ ୨୪ଟି ବିଦ୍ୟାଳୟର ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଝଡତୋଫାନରେ ଗଛ ଡାଳ ଭାଙ୍ଗିଲା, ଯାତାୟତ ବାଧାପ୍ରାପ୍ତ

ସମ୍ବଲପୁର,୧୯।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁର୍ଲା ମୁଖ୍ୟ ରାସ୍ତାର ଭିସୁଟ ଏଟିଏମ୍ ନିକଟରେ ଝଡ ତୋଫାନରେ ଏକ ଗଛର ଡାଳ ଭାଙ୍ଗି ରାସ୍ଥାରେ ପଡିବାରୁ ଶନିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବୁର୍ଲା ଅଗ୍ନିଶମ ସେବାକେନ୍ଦ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି କଟର୍ ମେଶିନ ମାଧମରେ ରାସ୍ତାରେ ପଡ଼ିଥିବା ଗଛକୁ କାଟି ହଟାଇଥିଲେ। ଏହି ପରେ ସମ୍ପୃକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ସକାଳୁ ପ୍ରବଳ ବେଗରେ ପବନ ବୋହିବା ସହ ଘଡ଼ଘଡ଼ି ସହ ବର୍ଷା ହେବାରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇଥିଲା ।

# ୨୦ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଦେବଗଡ଼,୧୯।୧୦(ଶଶାଙ୍କ ଶେଖର ଝାଙ୍କର)

### ପୋଲିସ ଅଧିକାରୀଙ୍କୁ ଧକ୍କା ମାରି ଥାନାରୁ ଗଞ୍ଜେଇ ମାଫିଆ ଫେରାର ହେବା ଘଟଣା

- ଧରାପଡିନାହିଁ ଫେରାର ଗଞ୍ଜେଇ ମାଫିଆ

ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ୨ ଜଣ ପୋଲିସ ଅଧିକାରୀଙ୍କୁ ଧକ୍କା ମାରି ବାରକୋଟ ଥାନାରୁ ଗଞ୍ଜେଇ ମାଫିଆ ଫେରାର ହେବା ଘଟଣାର ଇତି ମଧ୍ୟରେ ୨୦ ଦିନ ବିତିଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର ଗଞ୍ଜେଇ ମାଫିଆଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ଦାୟିତ୍ୱହୀନ ପୋଲିସ ଅଧିକାରୀ ଦ୍ୱୟଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା, କାର୍ଯ୍ୟଶୈଳୀ ଏବଂ କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଯୋଗ୍ୟ ଯେ, ଗତ ୨୯ ତାରିଖ ପ୍ରତ୍ୟୁଷରେ ବାରକୋଟ ଥାନାଞ୍ଚଳ ଜୟପିଛୁଲା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଗଞ୍ଜେଇ ବୋଝେଇ କ୍ରେଟା କାର ଏକ ମୁଢି ବୋଝେଇ ଅଟୋରିକ୍ସାକୁ ଧକ୍କା ଦେବାସହ ତୁରମାର ହୋଇ ସେଠାରେ ଅଟକି ରହିଥିଲା। ଦୁର୍ଘଟଣାପରେ ଉକ୍ତ କାରରେ ଥିବା ଗଞ୍ଜେଇ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ବାରକୋଟ ଥାନା ପୋଲିସ ଦୁର୍ଘଟଣା ଗ୍ରସ୍ତ କାର ମଧ୍ୟରୁ ଏକ କୁଇଣ୍ଟାଲ ୨୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ସେହିପରି ଗଞ୍ଜେଇ ଚୋରାଚାଲାଣ ଘଟଣାରେ କନ୍ଧମାଳ ଜିଲା ଖଜୁରୀପଡା ଥାନାଞ୍ଚଳ ବରିଗୁମ୍ମା ଗ୍ରାମର ସନତ ଦିଗ୍ଗଲ ସଂପୃକ୍ତ ଥିବା ଜାଣି ବାରକୋଟ ଥାନା ପୋଲିସ ଖଜୁରୀପଡା ଥାନା ପୋଲିସ ସହାୟତାରେ ସନତଙ୍କୁ ଗିରଫ କରି ବାରକୋଟ ଥାନାକୁ ଆଣିଥିଲା। ମାତ୍ର କୋର୍ଟ ଚାଲଣ କରିବା ପୂର୍ବରୁ ସନତ ସବ ଇନ୍ସପେକ୍ଟର ଆମୁନସେନ କିରୋ ଓ ଏଏସଆଇ ସନ୍ତୋଷ କୁମାର ନାୟକଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲା। ବାରକୋଟ ଥାନା ପୋଲିସ ଏନେଇ ପୁଣି ଅନ୍ୟ ଏକ ମାମଲା ରୁଜୁ କରିଥିଲେ ହେଁ ଖବର ଲେଖାଯିବା ପର୍ଯ୍ୟନ୍ତ (ଶନିବାର) ତାଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା କରିଥିବା ପୋଲିସ ଅଧିକାରୀ ଦ୍ୱୟଙ୍କ ବରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ସୂଚନା ମିଳିଛି। ଏ ସମ୍ପର୍କରେ ମତାମତ ପାଇଁ ବାରକୋଟ ଥାନା ଅଧିକାରିଣୀ ଯାଜ୍ଞସେନୀ ପ୍ରଧାନଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନାହିଁ। ତେଣୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଉଚ୍ଚ କର୍ତ୍ତୃପକ୍ଷ ଏନଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ସମୃଦ୍ଧ

ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଷଷ୍ଠତମ ମା’ ଛେଲିଆପାଟ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନ୍ଦର ଆୟୋଜନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମିଳିତ ଉଦ୍ୟମରେ ଏହି ମହୋତ୍ସବକୁ ରାଜ୍ୟସ୍ତରୀୟ କରିବାକୁ ଘୋଷଣା କରିଥିଲେ। ସେ କହିଥିଲେ, ୫ବର୍ଷ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ। ଅଞ୍ଚଳର ସାମଗ୍ରିକ ବିକାଶ ତାଙ୍କ ପାଥେୟ ହେବ ବୋଲି କହିଥିଲେ। ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିପାରିଛି। ସମସ୍ତ ପରିବାରକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷମାନ ଭାରତ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଯୋଗାଇ ଦିଆଯିବ। ଦେଶର ୨୭ ହଜାର ଡାକ୍ତରଖାନାରେ ମାଗଣାରେ ଚିକିତ୍ସିତ ହୋଇପାରିବେ ବୋଲି ସେ କହିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା କରାଯାଇଛି। ଏହାସହିତ ଜଳସେଚନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଦିଗପହଣ୍ଡି ବିଧାୟକ ତଥା ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ବୋଲି କହିଥିଲେ। ପୁଚୁକି ଗାଲି, ତୋ ଆଖି ମୋ ଆଇନା ଆଦି ଗୀତ ଗାଇ ଓ କେତେକ ଫିଲ୍ମର ଡାଇଲଗ କହି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସାମାଜିକ କର୍ମୀ ଲଳିତ ସାହୁ, ସବିତା ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଉଦ୍‌ଯାପନୀ ଦିବସ ସଭାରେ ପ୍ରଧାନଶିକ୍ଷକ ଆନନ୍ଦ କୁମାର ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଜୀବର୍ଦ୍ଧନ ପୁଟେଲ, ପୂର୍ବତନ ସରପଞ୍ଚ ଗଣେଶ ସାହୁ, ରାଜୀବ ଲୋଚନ ସାହୁ, ସୃଷ୍ଟିକା ବାରିକ, ଚେସ୍ ଖେଳରେ ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ବିଜେତା କାର୍ତ୍ତିକ ଦଣ୍ଡସେନା। ଟିଟିଲାଗଡ଼, କେନ୍ଦ୍ରାପଡ଼ା ଆଦି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳାକାର ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। କଳାକାରମାନେ ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରିଥିଲେ।




ମା’ ଛେଲିଆପାଟ ମହୋତ୍ସବରେ କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

### ଷଷ୍ଠତମ ମା’ ଛେଲିଆପାଟ ମହୋତ୍ସବ ଉଦ୍‌ଯାପିତ

## ସଂକ୍ଷେପରେ

### ଟ୍ରାକ୍ଟର ସହ କାଠ ଜବତ, ଜଣେ ଗିରଫ



ଖପ୍ରାଖୋଲ,୧୯।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ହରିଶଙ୍କର ରେଞ୍ଜ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଖପ୍ରାଖୋଲ ନିକଟରୁ ଏକ ଖଇର କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏହାସହ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଶନିବାର ମଧ୍ୟାହ୍ନରେ ଖଇର କାଠ ବୋଝେଇ ହୋଇ ଟ୍ରାକ୍ଟରରେ ଚୋରା ଚାଲାଣ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବନ ବିଭାଗ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାରଙ୍କ ସମେତ ବନକର୍ମଚାରୀ ସାମିଲ ଥିଲେ। ଏନେଇ ହରିଶଙ୍କର ରେଞ୍ଜରେ ଏକ ମାମଲା (ନଂ. ୧୯୬/୨୪) ରୁଜୁ କରାଯାଇଛି। ଏକ ଟ୍ରାକ୍ଟର, ୨୦ କୁଇଣ୍ଟାଲ ଖଇର କାଠ ଜବତ କରାଯାଇଥିବାବେଳେ ଚୋରା ଚାଲାଣରେ ସମ୍ପୃକ୍ତ ବଡଗୁର୍ଜିଭଟା ଗାଁର ତେଜରାଜ ମିଶ୍ର (୩୫)ଙ୍କୁ ଗିରଫ କରିଥିବା ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି।

### କୁରୁଲଠାରେ ମେଗା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ କୁରୁଲଠାରେ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପକ୍ଷରୁ ଶନିବାର ଏକ ମେଗା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ନବମ ଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ କୁରୁଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଆୟୁର୍ବେଦିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କୁରୁଲ ତଥା ଆଖପାଖ ଗାଁର ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରକ୍ତଶର୍କରା ଓ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇ ବିଭିନ୍ନ ରୋଗ ପାଇଁ ମାଗଣା ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରଫେସର, ବିଶେଷଜ୍ଞ ଡାକ୍ତର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଯୋଗଦାନ କରିଥିଲେ।

### ଜୋରସୋରରେ ଚାଲିଛି ତଦନ୍ତ

**ନାବାଳକଙ୍କୁ ବଳି ସନ୍ଦେହ ଘଟଣା**

ଲାଠୋର,୧୯।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଝଲିଆଲିଟି ବୁଢା ଡୁଙ୍ଗୁରିଠାରେ ଜଲପାଙ୍କେଲ ଗ୍ରାମର ନାବାଳକ ସୋମନାଥ ବେମାଲ(୧୧)ଙ୍କ ମୃତଦେହ ଶୁକ୍ରବାର ଜବତ ହେବା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ମୃତ ନାବାଳକଙ୍କ ପରିବାରବର୍ଗଙ୍କ ସହ ଗ୍ରାମବାସୀ ବଳି ବୋଲି ସନ୍ଦେହ କରୁଥିବାବେଳେ ପୋଲିସ ପ୍ରାଥମିକ ତଦନ୍ତରୁ ହତ୍ୟା ବୋଲି କହୁଛି। ଶୁକ୍ରବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଓ ଶନିବାର ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଆଇଆଇସି ହରିବନ୍ଧୁ ଗଡ଼ତିଆ, କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା, ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ଏବଂ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଜଲପାଙ୍କେଲ ଗ୍ରାମକୁ ଯାଇ ଅଧିକ ତଦନ୍ତ କରିଥିବା ଦେଖାଯାଇଛି। ନାବାଳକଙ୍କୁ ବଳି ଦେଇଥିବା ନେଇ ପରିବାର ବର୍ଗ ଓ ଗ୍ରାମବାସୀ ଯାହାକୁ ସନ୍ଦେହ କରୁଛନ୍ତି ପ୍ରଥମେ ତାଙ୍କ କୋଠା ଘର ଖୋଲା ଯାଇଥିଲା। କୋଠାରେ ରହିଥିବା ସମସ୍ତ ରୁମ ଖୋଲାଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇଥିଲା। ପରେ ମୃତକଙ୍କ ଅଜା ଦଳ ବେମାଲ, ଗ୍ରାମବାସୀ ମକାରୁ କଟା, ପରମେଶ୍ୱର ବେମାଲ, ଚୈତନ କଟା, ୨ ଶିଶୁଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରାଯାଇଥିଲା। ପରେ ଗ୍ରାମର ଭଦ୍ର ବ୍ୟକ୍ତି, ସରପଞ୍ଚଙ୍କୁ ନେଇ ପୋଲିସ ମୃତଦେହ ଜବତ ହୋଇଥିବା ଡୁଙ୍ଗରି ଏବଂ ଅନ୍ୟାନ୍ୟ ସ୍ଥାନ ବୁଲି ତଦନ୍ତ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ତଦନ୍ତ ଚାଲିଛି। ଖୁବଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।

# ଚରମ ଅବହେଳାର ଶିକାର ରାଣୀପୁର-ଝରିଆଲ

**୬୪ ଯୋଗିନୀଙ୍କ ନାମ ତାଲିକା ଏଏସ୍‌ଆଇ ପାଖରେ ନାହିଁ**

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ନବମ ଶତାବ୍ଦୀର ପ୍ରାଚୀନ କୀର୍ତ୍ତିରାଜି ରାଣୀପୁର-ଝରିଆଲ ସ୍ଥିତ ପ୍ରସିଦ୍ଧ ୬୪ ଯୋଗିନୀ ପୀଠ ଚରମ ଅବହେଳାର ଶିକାର ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ପକ୍ଷରୁ ସୂଚନା ଆଇନ ଅଧିକାର ଜରିଆରେ ପ୍ରଦାନ କରାଯାଇଥିବା ତଥ୍ୟରେ ୬୪ ଯୋଗିନୀ ମୂର୍ତ୍ତିମାନଙ୍କ ମଧ୍ୟରୁ ୪୮ଟି ଯୋଗିନୀ ମୂର୍ତ୍ତି ରହିଥିବା କଥା ଆର୍ ପି ମହାପାତ୍ରଙ୍କ ଦ୍ୱାରା ୧୯୮୬ ମସିହାରେ ଲିଖିତ ଓଡ଼ିଶାର ପ୍ରତ୍ନତତ୍ତ୍ୱ ପୁସ୍ତକରୁ ଜଣାପଡେ। ୬୪ ଯୋଗିନୀ ମନ୍ଦିରରୁ ଉଭାନ ହୋଇଥିବା ମୂର୍ତ୍ତିଗୁଡିକ ନଷ୍ଟ ହୋଇଯାଇଛି କିମ୍ବା କାଢି ଦିଆଯାଇଛି। ପର୍ଯ୍ୟଟକମାନେ ବର୍ତ୍ତମାନ ଦେଖୁଥିବା ମୂର୍ତ୍ତିଗୁଡିକୁ ସୁରକ୍ଷା ଦୃଷ୍ଟିରୁ ଲୁହା ଜାଲି ଦିଆଯାଇଥିବା କଥା ତଥ୍ୟରେ ରହିଛି। କେନ୍ଦ୍ରୀୟ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ ରାଣୀପୁର- ଝରିଆଲ ଐତିହାସିକ ସ୍ଥଳକୁ ହାତକୁ ନେବା ପୂର୍ବରୁ କୌଣସି ଯୋଗିନୀ ମୂର୍ତ୍ତି ନ ଥିବା ସୂଚନା ବିଭାଗ ପାଖରେ ନାହିଁ। କେଉଁ ମୂର୍ତ୍ତି ୬୪ ଯୋଗିନୀ ରାଣୀପୁର ଝରିଆଲ କୀର୍ତ୍ତିରାଜିରୁ ନିଖୋଜ ହୋଇଛି ତାର ନାମ ବିଭାଗ ପାଖରେ ନାହିଁ ଓ



ରାଣୀପୁର-ଝରିଆଲ ସ୍ଥିତ ୬୪ ଯୋଗିନୀ ପୀଠ।

ବର୍ତ୍ତମାନ ରହିଥିବା ଅବଶିଷ୍ଟ ମୂର୍ତ୍ତିଗୁଡିକର ନାମ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ନାହିଁ ବୋଲି ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ଉଲ୍ଲେଖ ରହିଥିବା ପଣ୍ଡା କହିଛନ୍ତି। କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ସବୁ ଜାଣି ଅଜଣା ରହିବା ଅଭିନୟ କରୁଛି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ନିଖୋଜ ମୂର୍ତ୍ତିଗୁଡିକ କେଉଁ ଯୋଗିନୀଙ୍କର ଥିଲା ଏହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସନ୍ଧାନ କରି ସେହି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ଉଦ୍ୟମ କରିବା ବଦଳରେ କିଛି ଜାଣି ନ ଥିବା କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲରେ ଦେଶର ଅନ୍ୟତମ ବିରଳ ୬୪ ଯୋଗିନୀ ତନ୍ତ୍ର ପୀଠ ରହିଛି। ଅନ୍ୟ ୬୪ ଯୋଗିନୀ ତନ୍ତ୍ରପୀଠ ଅପେକ୍ଷା ଏହା ବୃହଦାକାର। ଏହି ତନ୍ତ୍ର ପୀଠରେ ଚାମୁଣ୍ଡା, ରୁଦ୍ରାଣୀ, ବିକାରିଣୀ, କାମାକ୍ଷା, ଅଘୋରୀ, ତ୍ରିପୁରା ସୁନ୍ଦରୀ, ଡାକିନୀ, ରାକିନୀ, ଲାକିନୀ, ଶାକିନୀ, ହାକିନୀ, ବାରୁଣୀ, ଜ୍ୱାଳିନୀ, ଭଦ୍ର କାଳୀ, ମାତଙ୍ଗୀ, ଚଣ୍ଡି, ଭୈରବୀ, କାଳରାତ୍ରି, ଗୌରୀ, ଉମା, ଶାକଂଭରୀ, ଦୁର୍ଗା, ପାର୍ବତୀ, ମାହେଶ୍ୱରୀ, ବିନ୍ଧ୍ୟବାସିନୀ, କାମେଶ୍ୱରୀ, ତ୍ରୈଲୋକ୍ୟମୋହିନୀ ଇତ୍ୟାଦି ୬୪ଟି ଦୁର୍ମୂଲ୍ୟ ଦେବୀ ମୂର୍ତ୍ତି ରହିଥିଲା। ଏହି ସମସ୍ତ ଦେବୀ ମୂର୍ତ୍ତିର ନାମ ଏବଂ ନିଖୋଜ ହୋଇଥିବା ମୂର୍ତ୍ତିଗୁଡିକର ନାମ ଅନୁସନ୍ଧାନ କରାଯାଇ ଖାଲି ରହିଥିବା ନିଖୋଜ ମୂର୍ତ୍ତି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ପଣ୍ଡା ଦାବି କରିଛନ୍ତି।

# ପୋଲିସକୁ ବନ୍ଧୁକ ଦେଖାଇ ଯୁବକ ଗିରଫ



ଗିରଫ ଅଭିଯୁକ୍ତ ମନୋଜ ପଣ୍ଡାଙ୍କୁ ପୋଲିସ କୋର୍ଟଚାଲାଣ କରୁଛି।

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

- ଟାଉନ୍ ଥାନା ସମ୍ମୁଖରେ ଦେଇଥିଲେ ଧମକଚମକ
- ଅଭିଯୁକ୍ତ ଯୁବକଙ୍କ ବିରୋଧରେ ହୋଇଥିଲା ୨ଟି ମାମଲା

ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଜଣେ ପୋଲିସ ଏଏସ୍‌ଆଇ ଏବଂ ଦୁଇଜଣ ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେବା ଅଭିଯୋଗରେ ପୋଲିସ ମନୋଜ ପଣ୍ଡା ନାମକ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୭ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ପଣ୍ଡା ଟାଉନ୍ ଥାନା ନିକଟରେ ଦୁଇ ଜଣ ଯୁବକଙ୍କୁ ଏବଂ ଜଣେ ଟାଉନ୍ ଥାନା ଏଏସ୍‌ଆଇଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେଇଥିଲେ। ଏନେଇ ଜଣେ ଯୁବକ ଏବଂ ସମ୍ପୃକ୍ତ ଏଏସ୍‌ଆଇଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଟାଉନ୍ ଥାନା ପୋଲିସ ଟିମ୍ ଅଭିଯୁକ୍ତ ପଣ୍ଡାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଥିଲା। ବିଳମ୍ବିତ ରାତିରେ ଟାଉନ୍ ଥାନା ସମ୍ମୁଖରେ ଧମକଚମକ ଘଟଣାଟି ସିସି ଟିଭିରେ ରେକର୍ଡ ହୋଇଥିବା ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି। ତେବେ କେଉଁ କାରଣରୁ ସମ୍ପୃକ୍ତ ଯୁବକ ଜଣକ ବନ୍ଧୁକ ଧରି ଧମକ ଚମକ୍ ଦେଲେ ସେନେଇ ପୋଲିସ ସମ୍ପୂର୍ଣ୍ଣ ଘଟଣା ଗଣମାଧ୍ୟମକୁ ଜଣାଉନାହିଁ। ଗତ ୧୭ ତାରିଖ ଘଟଣାଟି ଘଟିଥିଲେ ମଧ୍ୟ ଏହାକୁ ଚପେଇ ଦେବା ଉଦ୍ୟମ ହେଉଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ବନ୍ଧୁକ ଦେଖାଇବା ଘଟଣାକୁ ନେଇ ପୋଲିସ ସଂଘ ହସ୍ତକ୍ଷେପ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ଡିପିଓ ସାହୁଙ୍କ ସୂଚନା ମୁତାବକ ଗିରଫ ଅଭିଯୁକ୍ତ ପଣ୍ଡାଙ୍କ ବିରୋଧରେ ପୂର୍ବରୁ ଠକାମି ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ବନ୍ଧୁକ ଦେଖାଇ ଧମକଚମକ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ୧୯ ତାରିଖ ରାତି ସୁଦ୍ଧା ଉକ୍ତ ବନ୍ଧୁକ ଜବତ କରିପାରିନାହିଁ। ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଖୋଜାଖୋଜି କରୁଥିବା ଜଣାପଡିଛି। ପୋଲିସକୁ ବନ୍ଧୁକ ଦେଖାଇ ଧମକ ଦେବା ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

# ଲୋୟର ସୁକତେଲ ବିସ୍ଥାପିତଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ



ଝାଙ୍କରପାଲି ବିସ୍ଥାପିତ କଲୋନୀରେ ବିସ୍ଥାପିତଙ୍କ ସହ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଆଲୋଚନା।

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ତତ୍କାଳୀନ ସରକାର ତରବରିଆ ଭାବରେ ଉଦ୍‌ଘାଟନ କରିଥିଲେ। ବିସ୍ଥାପିତ ଲୋକଙ୍କ ସର୍ବସ୍ୱ ତ୍ୟାଗ ବଳରେ ତିଆରି ହୋଇଥିବା ଏହି ପ୍ରକଳ୍ପରୁ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ମୁନ୍ଦାଏ ବି ପାଣି ମିଳିନାହିଁ। ଅନେକ ବିସ୍ଥାପିତ ଆଇନ ଅନୁଯାୟୀ କ୍ଷତିପୂରଣ ପାଇନାହାନ୍ତି। ଅନେକ ବିସ୍ଥାପିତଙ୍କୁ ଉପଯୁକ୍ତ ଥଇଥାନ କରାଯାଇପାରିନାହିଁ। ଯଦି ବିସ୍ଥାପିତଙ୍କ ସମସ୍ୟାର ଶୀଘ୍ର ସମାଧାନ କରା ନ ଯିବ ତେବେ ଆଗାମୀ ଦିନରେ ଲୋକେ ନିଶ୍ଚିତ ଭାବେ ଆନ୍ଦୋଳନମୁହାଁ ହେବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ମିଶ୍ର ଝାଙ୍କରପାଲି ନିକଟସ୍ଥ ଲୋୟର ସୁକତେଲ ଥଇଥାନ କଲୋନୀକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିସ୍ଥାପିତଙ୍କ ଥଇଥାନ କଲୋନୀରେ ଆଜି ପର୍ଯ୍ୟନ୍ତ ପିଇବା ପାଣି, ଗାଧୋଇବା ପାଇଁ ଜଳାଶୟ କି ପୋଖରୀ ବ୍ୟବସ୍ଥା କରାଯାଇନାହିଁ। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଶ୍ମଶାନ ନାହିଁ। ଶିଶୁଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପ୍ରଶାସନ ଓ ସରକାର ବର୍ତ୍ତମାନ ଚୁପ ବସିପଡିଛନ୍ତି। ଏଭଳି ଅଭିଯୋଗ ଶୁଣିବା ପରେ ପୂର୍ବତନ ବିଧାୟକ ମିଶ୍ର ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ ଫୋନ୍‌ରେ ଆଲୋଚନା କରିଥିଲେ। ସେଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜକଙ୍କ ଅଭିଯୋଗ ଅନୁସାରେ ମନ୍ଦିର ଯେମିତି ଠିକ୍ ହିସାବରେ ଚାଲିବ, ପୂଜା ନୀତିକାନ୍ତି ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ପାଣ୍ଠି କିପରି ମିଳିବ ସେ ଉପରେ ସେ ଆଲୋଚନା କରିବେ ବୋଲି କହିଥିଲେ। ବିସ୍ଥାପିତଙ୍କ ସ୍ୱାର୍ଥରକ୍ଷା ପାଇଁ ସେ ଲଢେଇ ଜାରି ରଖିଛନ୍ତି ଏବଂ ଆବଶ୍ୟକ ପଡିଲେ ଆଗାମୀ ଦିନରେ ବୁଡି ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଅଧିକାର ପାଇଁ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଆଲୋଚନା ସମୟରେ ଲୋୟର ସୁକ୍‌ତେଲ ସଂଗ୍ରାମ ପରିଷଦ ସଭାପତି ଘୁନୁ ସାହୁ, ସରପଞ୍ଚ ସଞ୍ଜୟ ଗଡତ୍ୟା, ମୀନକେତନ ଚାନ୍ଦ, ଯଜ୍ଞକର ବିଶ୍ୱାଳ, ତୃଡଙ୍ଗ ସାହୁ, ଭରତ ସାହୁ, ମନ୍ଦିର ପୂଜକ ରାମ ପ୍ରସାଦ ଚାନ୍ଦ, ବିଷ୍ଣୁ ଛତ୍ରିଆ, ଡ. ରାଧାକାନ୍ତ ଭୋଇ, କିଶୋର ଗଡତ୍ୟା ଓ ଅନ୍ୟ ବିସ୍ଥାପିତ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜି ଗସ୍ତ

**ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ସ୍ମାରକପତ୍ର**

କଣ୍ଟାବାଞ୍ଜି,୧୯।୧୦(ଗୁରୁଦୟାଲ ହଂସ)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଶନିବାର କଣ୍ଟାବାଞ୍ଜିକୁ ଦିନିକିଆ ଗସ୍ତ ଥିଲା। ମନ୍ତ୍ରୀ ମହାଲିଙ୍ଗ କଣ୍ଟାବାଞ୍ଜି ପହଞ୍ଚିଲା ପରେ ସହର ବିଭିନ୍ନ ସଙ୍ଗଠନ ସହ ଭାଜପାର କର୍ମକର୍ତ୍ତା ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅଗ୍ରୱାଲ ସଭା ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହରିଭବନଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାକୁ ନେଇ ପ୍ରେସ କ୍ଲବ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା, କଣ୍ଟାବାଞ୍ଜି ଡାକ୍ତରଖାନାରେ ଥିବା ବ୍ଲଡ଼ ବ୍ୟାଙ୍କରେ ବ୍ଲଡ଼ ସେପାରେସନ ୟୁନିଟ, ଚକ୍ଷୁ ରୋଗୀଙ୍କ ପାଇଁ ଚକ୍ଷୁ ଡାକ୍ତରଖାନା, କିଡନୀ ରୋଗୀଙ୍କ ପାଇଁ ଡାଇଲେସିସର ସୁବିଧା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, ଉପସଭାପତି ମନୋଜ ଶର୍ମା, ପରାମର୍ଶଦାତା ଆଶିଷ ଖୈତାନ, ଆନନ୍ଦ ମୋଟେ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାଲିଆମୁଣ୍ଡା ଫୁଟ୍‌ବଲ ଟୁର୍ନାମେଣ୍ଟ: ବକଟି ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥି।

ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗଜଲକ୍ଷ୍ମୀ ପୂଜା ଅବସରରେ ୫୨ ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିବାର ଫାଇନାଲ ଖେଳରେ ଟାଇବ୍ରେକରରେ ୬-୫ ଗୋଲରେ ସକମାକୁ ହରାଇ ବକଟି ଚାମ୍ପିୟନ ହୋଇଛି। ସାପ୍ତାହିକ ବଜାର ପଡ଼ିଆରେ ଆଖପାଖ ଅଞ୍ଚଳର ଦଳକୁ ନେଇ ଗତ ତିନିଦିନ ଧରି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଶନିବାର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେଇଥିଲା। ସକମା ଓ ବକଟି ଫାଇନାଲକୁ ଉନ୍ନୀତ ହୋଇଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଫଳରେ ରେଫରି ଟାଇବ୍ରେକର ନିଷ୍ପତ୍ତି ନେଇଥିଲେ। ଏଥିରେ ବକଟି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଆଇନଜୀବୀ ପ୍ରଦୀପ କୁମାର ତ୍ରିପାଠୀ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସଞ୍ଜୟ ସାହୁ, ବିଜୟ ଚୌହାନ ରିଙ୍କୁ ନଇ, ଓମ ପ୍ରକାଶ ଭୋଇ, କିଶାନ ଦେହୁରୀ, ବୁଧୁ ସେନାପତି, ଦିଲୀପ ସାହୁ ଆୟୋଜନରେ ସହଯୋଗ କରିଥିଲେ।

# 'ଭୁଲ ତଥ୍ୟ ଦେଇ ଗାରିମା ଲୁପ୍ତ କରିହୁଏନାହିଁ'

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**୪୩ତମ ଶ୍ରାଦ୍ଧ ଉପଲକ୍ଷେ ଯୁଧିଷ୍ଠିର ମିଶ୍ର ସ୍ମାରକୀ ବକ୍ତୃତା**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ତଥା ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୪୩ତମ ଶ୍ରାଦ୍ଧ ଦିବସ ଅବସରରେ ଶନିବାର ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଶିବଶଙ୍କର ନନ୍ଦ ଓ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଆଡଭୋକେଟ୍ ଅମରେନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇଥିଲେ। ପ୍ରଥମେ କଲେଜ ପରିସରରେ ଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତା ନନ୍ଦ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମିଶ୍ରଙ୍କ ସଂଘର୍ଷମୟ ଜୀବନ ଓ ବିଚାର ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି ଲୋକଙ୍କୁ ଭୁଲ ତଥ୍ୟ ଦେଇ ସ୍ୱାଧୀନତା ସଂଗ୍ରାମ କାଳର ମହାମନୀଷୀଙ୍କୁ ବିସ୍ମୃତ କରିବାକୁ କିଛି ଲୋକ ଲାଗିଛନ୍ତି। ତେବେ ସେମାନେ କେବେବି ସଫଳ ହେବେନାହିଁ। ଭୁଲ ତଥ୍ୟ ଦେଇ କୌଣସି ମହାମନୀଷୀଙ୍କ ଗାରିମାକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ। ଏହା କଲେ ସମାଜର ଅଶେଷ ଅମଙ୍ଗଳ ହେବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଆଇନ୍ କଲେଜ ଆଲୁମ୍ନିଆସୋସିଏଶନ୍‌ସଭାପତିବ୍ୟାସଦେବ ନନ୍ଦ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଶେଷରେ ଆଡଭୋକେଟ୍ ପ୍ରମୋଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ସହରର ବରିଷ୍ଠ ଆଡଭୋକେଟ୍, ବୁଦ୍ଧିଜୀବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି।

# ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ସମୃଦ୍ଧ

ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଷଷ୍ଠତମ ମା' ଛେଲିଆପାଟ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନ୍ଦର ଆୟୋଜନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମିଳିତ ଉଦ୍ୟମରେ ଏହି ମହୋତ୍ସବକୁ ରାଜ୍ୟସ୍ତରୀୟ କରିବାକୁ ଘୋଷଣା କରିଥିଲେ। ସେ କହିଥିଲେ, ୫ବର୍ଷ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ। ଅଞ୍ଚଳର ସାମଗ୍ରିକ ବିକାଶ ତାଙ୍କ ପାଥେୟ ହେବ ବୋଲି କହିଥିଲେ। ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିପାରିଛି। ସମସ୍ତ ପରିବାରକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷମାନ ଭାରତ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଯୋଗାଇ ଦିଆଯିବ। ଦେଶର ୨୭ ହଜାର ଡାକ୍ତରଖାନାରେ ମାଗଣାରେ ଚିକିତ୍ସିତ ହୋଇପାରିବେ ବୋଲି ସେ କହିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା କରାଯାଇଛି। ଏହାସହିତ ଜଳସେଚନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ଦିଗପହଣ୍ଡି ବିଧାୟକ ତଥା ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ବୋଲି କହିଥିଲେ। ପୁଚୁକି ଗାଲି, ତୋ ଆଖି ମୋ ଆଇନା ଆଦି ଗୀତ ଗାଇ ଓ କେତେକ ଫିଲ୍ମର ଡାଇଲଗ କହି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସାମାଜିକ କର୍ମୀ ଲଳିତ ସାହୁ, ସବିତା ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଉଦ୍‌ଯାପନୀ ଦିବସ ସଭାରେ ପ୍ରଧାନଶିକ୍ଷକ ଆନନ୍ଦ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଜୀବର୍ଦ୍ଧନ ପୁଟେଲ, ପୂର୍ବତନ ସରପଞ୍ଚ ଗଣେଶ ସାହୁ, ରାଜୀବ ଲୋଚନ ସାହୁ, ସୃଷ୍ଟିକା ବାରିକ, ଚେସ୍ ଖେଳରେ ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ବିଜେତା କାର୍ତ୍ତିକ ଦଣ୍ଡସେନା। ଟିଟିଲାଗଡ଼, କେନ୍ଦ୍ରାପଡ଼ା ଆଦି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳାକାର ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। କଳାକାରମାନେ ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରିଥିଲେ।




ମା' ଛେଲିଆପାଟ ମହୋତ୍ସବରେ କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

**ଷଷ୍ଠତମ ମା' ଛେଲିଆପାଟ ମହୋତ୍ସବ ଉଦ୍‌ଯାପିତ**

**ସଂକ୍ଷେପରେ**

## ଓଏଏସ୍ ପାଇଲେ ଜ୍ୟୋତିରଞ୍ଜନ

**ପ୍ରଥମ ଉଦ୍ୟମରେ ସଫଳତା ପାଇଲେ**


ଜ୍ୟୋତିରଞ୍ଜନ ଭୋଇ।

ସୋନପୁର,୧୯।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ଲୋକସେବା ଆୟୋଗ ପକ୍ଷରୁ ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୨ର ଫଳ ଶନିବାର ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂସାପୁରା ଗ୍ରାମର ଜ୍ୟୋତିରଞ୍ଜନ ଭୋଇ କୃତକାର୍ଯ୍ୟ ହୋଇଛନ୍ତି। ସେ ଭୁବନେଶ୍ୱର ଓୟୁଏଟିରେ ଫରେଷ୍ଟ୍ରିରେ ପିଜି କରୁଥିଲେ। ପ୍ରଥମ ଉଦ୍ୟମରେ ସେ ଏହି ସଫଳତା ହାସଲ କରିଛନ୍ତି। ଦୃଢ ମନୋବଳ ଓ କଠିନ ପରିଶ୍ରମ ସଫଳତା ଆଣିଦିଏ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ ତାଲିକାରେ ୩୭୨ ସ୍ଥାନରେ ଥିବା ବେଳେ ଅନୁସୂଚିତ ଜନଜାତି ବର୍ଗରେ ୪ନମ୍ବର ର୍‍ୟାଙ୍କ ରଖିଛନ୍ତି। ଜ୍ୟୋତିରଞ୍ଜନଙ୍କ ପରିବାର ଏବେ ସୋନପୁର ବ୍ଲକର ସାନଝିଙ୍କିରେ ରହୁଛନ୍ତି। ତାଙ୍କ ମା ଜୟଶ୍ରୀ ଗୃହିଣୀ ହୋଇଥିବା ବେଳେ ବାପା ସୋନପୁର ବ୍ଲକର କ୍ୟାସିଅର ଅଛନ୍ତି। ଜ୍ୟୋତିରଞ୍ଜନଙ୍କ ସଫଳତାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ପାଣି ପାଇଁ ରାସ୍ତା ଅବରୋଧକଲେ ଚାଷୀ

ସୋନପୁର,୧୯।୧୦(ମୃତ୍ୟୁଞ୍ଜୟ ଶତପଥୀ)


ଖମ୍ଭେଶ୍ୱରୀପାଲିଠାରେ ଚାଷୀମାନେ ୫୭ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।

■ମେଗା ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗୁନି

■ସୁବର୍ଣ୍ଣପୁରରେ ବର୍ଷା ନାହିଁ, ଚିନ୍ତାରେ ଚାଷୀ

ସୁବର୍ଣ୍ଣପୁର ଜିଲାରେ ଅକ୍ଟୋବର ମାସରେ ଆଦୌ ବର୍ଷା ହୋଇନି। ମୁଣ୍ଡଫଟା ଖରା ଲାଗିରହିଛି। ଜମି ଗୁଡିକ ଫାଟି ଆଁ କଲାଣି। ଜିଲାର ଚାଷୀକୂଳ ଅସରାଏ ବର୍ଷାକୁ ଚାହିଁ ରହିଛନ୍ତି। ଧାନ ବାହାରିଲାଣି। ବର୍ଷା ହେଲେ କ୍ଷେତରେ ସୁନା ଫଳିବ। ତେବେ ବର୍ଷାଭାବ ଚାଷୀଙ୍କ ଚିନ୍ତା ବଢାଇଛି। ଅନ୍ୟପକ୍ଷେ ଜିଲାରେ ପ୍ରାୟ ୫୦୦କୋଟି ଟଙ୍କା ବ୍ୟୟରେ ମହାନଦୀ ଓ ତେଲନଦୀ କୂଳରେ ୧୧ଟି ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ସରିଛି। କିନ୍ତୁ ଏହି ପ୍ରକଳ୍ପ ଗୁଡିକ ଚାଷୀଙ୍କ କାର୍ଯ୍ୟରେ ଲାଗୁନି। ଖରିଫରେ ଜମିକୁ ପାଣି ଆବଶ୍ୟକ ଥିବା ସମୟରେ ପ୍ରକଳ୍ପ ଚାଲି ପାରୁନି। ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଲାଗି ରହିଛି। ଶନିବାର ଚାଷୀ ନେତା ଚମରୁଲାଲ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖମ୍ଭେଶ୍ୱରୀପାଲିଠାରେ ରାସ୍ତାରୋକୋ କରିଥିଲେ। ତେଲ ନଦୀ କୂଳରେ ଥିବା ଛତାପିପଲ୍ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପରୁ କ୍ଷେତକୁ ପାଣି ମଡାଇବା ପାଇଁ ସେମାନେ ଦାବି କରିଥିଲେ। ସକାଳ ୮ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା। ପୋଲିସ ଉପସ୍ଥିତିରେ ମେଗା ଉଠା ଜଳସେଚନ ବିଭାଗର ଅଧିକାରୀମାନେ ତିନି ଦିନ ମଧ୍ୟରେ କ୍ଷେତକୁ ପାଣି ମଡାଇବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବବୁଲୁ ମିଶ୍ର, ପ୍ରାଣବନ୍ଧୁ ସାହୁ, ଫକୀର ପଲିଆ, ଜର୍ମାନୀ କୁଶଳ, ପ୍ରାକ୍ତନ ସରପଞ୍ଚ ସୁରେଶ କୁଶଳ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରମୋଦ କର୍ଣ୍ଣ, ଗୋବିନ୍ଦ ଦୀପ, ରଞ୍ଜନ ମିଶ୍ର ଓ ପରେଶ ମିଶ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଶୁକ୍ରବାର ତରଭା ବ୍ଲକର ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପରୁ କ୍ଷେତକୁ ଜଳଯୋଗାଣ ପାଇଁ ଚାଷୀମାନେ ମଧ୍ୟ ରାସ୍ତାରୋକୋ କରିଥିଲେ।

ସୋନପୁର ବ୍ଲକର ଛତାପିପଲରେ ୫୪ କୋଟି ବ୍ୟୟରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ୧ ବର୍ଷ ପୂର୍ବରୁ କାମ ସରିଲାଣି। କିନ୍ତୁ ଆବଶ୍ୟକ ସମୟରେ ବିଶିମୁଣ୍ଡା, ହରଡଖୋଲ ଓ ମଲ୍ଲିକମୁଣ୍ଡା ପଞ୍ଚାୟତର ଚାଷୀଙ୍କୁ ପାଣି ମିଳୁନି। ସେହିପରି ଗୁଞ୍ଜିମୁଣ୍ଡାଠାରେ ୧୪କୋଟି ୧୪ଲକ୍ଷ ଟଙ୍କା ବ୍ୟୟରେ ୨୦୧୯ରୁ ପ୍ରକଳ୍ପ ନିର୍ମାଣ ହୋଇଛି। ମରାଡୁଗୋଛା ଅଞ୍ଚଳର ୮ଶହ ଏକର ଜମିକୁ ଖରିଫ୍‌ରେ ପାଣି ମଡାଇବା ଲକ୍ଷ୍ୟ ଥିଲା। ମାତ୍ର ଏହି ପ୍ରକଳ୍ପରୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ପାଣି ମିଳିନି। ଅନ୍ୟପକ୍ଷେ ଠିକାସଂସ୍ଥାକୁ ଶତପ୍ରତିଶତ ବିଲ ପ୍ରଦାନ କରାଯାଇଛି। ଅକ୍ଟୋବର ୧ ତାରିଖ ଠାରୁ ଜିଲାରେ ୧ ମିଲିମିଟର ବି ବର୍ଷା ହୋଇନି। ଅଞ୍ଚଳର ଶତାଧିକ ଏକ ଧାନ ଚାଷ କ୍ଷତିଗ୍ରସ୍ତ ହେବାକୁ ବସିଲାଣି। ମାତ୍ର ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। ଜିଲାରେ ତରଭାରେ ୩ଟି, ସୋନପୁରରେ ଗୋଟିଏ, ଉଲୁଣ୍ଡାରେ ୫ଟି ଓ ବୀରମହାରାଜପୁର ବ୍ଲକରେ ୨ଟି ପାର୍ବତୀ ଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ସରିଛି। କିନ୍ତୁ ହାତପାଆନ୍ତାରେ ପ୍ରକଳ୍ପ ଥାଇ ମଧ୍ୟ ଚାଷୀ ପାଣି ପାଇପାରୁନି। ଅନ୍ୟପକ୍ଷେ ଦିନେ ଦୁଇ ଦିନ ଭିତରେ ବର୍ଷା ନହେଲେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ମତ ଦେଲେଣି।

## ଲକ୍ଷ୍ୟ ହାସଲ ପାଇଁ ଧୈର୍ଯ୍ୟ, ପରିଶ୍ରମ ଜରୁରୀ

ଅମରପାଲି,୧୯।୧୦(ପୀତାମ୍ବର ସାହୁ)


ସବନମଶ୍ରୀ ମେହେର।

**ବୀରମହାରାଜପୁରର ସବନମଶ୍ରୀ ମେହେର ଓଏଏସ୍ କୃତକାର୍ଯ୍ୟ**

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ଉପକଣ୍ଠ ଚମ୍ପାମାଳ ଗ୍ରାମର ସବନମଶ୍ରୀ ମେହେର ଓଡ଼ିଶା ପ୍ରଶାସନିକ ପରୀକ୍ଷା( ଓଏଏସ୍)ରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୪୪୯ ର୍‍ୟାଙ୍କ ହାସଲ କରି ଏହି ସଫଳତା ହାସଲ କରିଛନ୍ତି। ସେ ଚମ୍ପାମାଳ ଗ୍ରାମର ନନକା ମେହେର ଓ ପର୍ଶୁରାମ ମେହେରଙ୍କ ଝିଅ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଛନ୍ତି। ସେ ଏଥିପାଇଁ କୌଣସି କୋଚିଂ ନେଉ ନ ଥିଲେ। ଦୈନିକ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଥିବା ସବନମଶ୍ରୀ କହିଛନ୍ତି। ଲକ୍ଷ୍ୟ ହାସଲ ପାଇଁ ଧୈର୍ଯ୍ୟ, ଦୃଢ଼ ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ଆବଶ୍ୟକ। ମା', ବାପା, ଗୁରୁଜନ ଓ ସାଙ୍ଗ ସାଥୀଙ୍କ ପ୍ରେରଣା ଓ ଉତ୍ସାହ ଯୋଗୁ ଏହି ସଫଳତା ପାଇଛି। ଜଣେ ଭଲ ଅଧିକାରୀ ହୋଇ ନିଃସାର୍ଥପର ଭାବେ ଲୋକଙ୍କ ସେବା କରିବି ବୋଲି ସବନମଶ୍ରୀ ଧରିତ୍ରୀକୁ କହିଛନ୍ତି।

ସବନମଶ୍ରୀଙ୍କ ପ୍ରାଥମିକ ଶିକ୍ଷା ବୀରମହାରାଜପୁର ଶିଶୁ ମନ୍ଦିର, ହାଇସ୍କୁଲ ଶିକ୍ଷା ସୋନପୁର ସାହାରା ହାଇସ୍କୁଲ, ଯୁକ୍ତ ୨ ବିଜ୍ଞାନ ଭୁବନେଶ୍ୱର କିଟ୍ କଲେଜ ଏବଂ ଉଚ୍ଚଶିକ୍ଷା ଚିପିଲିମାସ୍ଥିତ ଓୟୁଏଟିରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ବାପା ଜଣେ ଅବସରପ୍ରାପ୍ତ କୃଷି ଅଧିକାରୀ ଓ ମା' ଜଣେ ଗୃହିଣୀ । ତାଙ୍କର ଏହି ସଫଳତାରେ ଅଞ୍ଚଳର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଓଏଏସ୍ ପରୀକ୍ଷାରେ ଖୁଣ୍ଟିଗୋରାର ଆଜାଦ ସାହୁ ଟପ୍ ୫ ର୍‍ୟାଙ୍କରେ କୃତିତ୍ୱ

ଖୁଣ୍ଟିଗୋରା,୧୯।୧୦(ମକରନ୍ଦ ସାହୁ)


ଆଜାଦ ସାହୁ।

ଓଏଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବୌଦ୍ଧ ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଗ୍ରାମର ୨୪ବର୍ଷୀୟ ଯୁବକ ଆଜାଦ ସାହୁ । ସେ ପଞ୍ଚମ ରାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୨୦୧୪ରେ ସାହାରା ହାଇସ୍କୁଲ ସୋନପୁରରୁ ମାଟ୍ରିକ ପାସ କଲାପରେ ୨୦୧୬ରେ ଯୁବୋଦୟ କଲେଜ ବଲାଙ୍ଗୀରରୁ ଯୁକ୍ତ ଦୁଇ ପାସ ଓ ୨୦୧୯ରେ ରାଜେନ୍ଦ୍ର କଲେଜ ବଲାଙ୍ଗୀରରୁ ଯୁକ୍ତ ତିନି ପାସ କରିଛନ୍ତି। ୨୦୨୧ରେ ଭୁବନେଶ୍ୱର ଉତ୍କଳ ୟୁନିଭର୍ସିଟିରୁ ପିଜି ପାସ କରି ଦୁଇ ବର୍ଷ ହେବ ଦିଲ୍ଲୀରେ ରହି ଓପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କ ବାପା ଦିଗାମ୍ବର ସାହୁ ଜଣେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଏବଂ ମାଆ ଭୁଲେଶ୍ୱରୀ ସାହୁ ଜଣେ ସୁଗୃହିଣୀ ଅଟନ୍ତି। ଆଜାଦ ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ଦିନକୁ ୭ଘଣ୍ଟା ପରିଶ୍ରମ କରି ବିଭିନ୍ନ ଉପାଦେୟ ପୁସ୍ତକ ସହ ଇଂରାଜୀ ଖବର କାଗଜ ମଧ୍ୟ ପଢୁଥିଲେ। ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହେବା ଖବର ପ୍ରକାଶିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ସଫଳତାର ଶ୍ରେୟ ନିଜ ବାପା ମାଆଙ୍କ ସମେତ ବଡ଼ ଭଉଣୀ କଲ୍ୟାଣୀ ଓ ଲିଜାଲିଂ ଏବଂ ବଡଭାଇ ଆକାଶକୁ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ୟୁପିଏସସି ପରୀକ୍ଷା ଦେଇ ଆଇପିଏସ୍ ଅଧିକାରୀ ହେବାର ସ୍ୱପ୍ନ ଦେଖୁଛନ୍ତି। ବର୍ତ୍ତମାନ ସେ ଡେପୁଟି କଲେକ୍ଟର ହେଲେ ବହୁତ ଖୁସି ହେବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ସମ୍ପନ୍ନ ହେଲା ବହଲପଦର ଗଜଲକ୍ଷ୍ମୀ ପୂଜା

ଅମରପାଲି,୧୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର କଳସ ଶୋଭାଯାତ୍ରାରୁ ପୂଜା ଆରମ୍ଭ ହୋଇଥିଲା। ଗୁରୁବାର ସକାଳୁ ମା'ଙ୍କ ପୂଜା ରୀତିନୀତିରେ ହୋଇଥିଲା। ଜିତେନ୍ଦ୍ର ଦନାୟକ ଓ ଦମୟନ୍ତି ଦନାୟକ ସପତ୍ନିକ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ୫୦ରୁ ଅଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ପୂଜା କରିଥିଲେ। ଏହି ଅବାସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ବିନିକାର ବନ୍ଦିତା ନାୟକ ବ୍ୟାସଭାବେ ସୁନ୍ଦରାକାଣ୍ଡ ପାରାୟଣ ଗାନ କରିଥିଲେ। ପୂଜା କମିଟି ସଭାପତି ହାଡିବନ୍ଧୁ ଭୁକ୍ତା, ସମ୍ପାଦକ ଧିରେନ୍ଦ୍ର ଦନାୟକ, ବିନୋଦ ସାହୁ, ସୁମନ୍ତ ଦନ୍ତା, ରମାକାନ୍ତ ଭୁକ୍ତା, ରଘୁନାଥ ଭୁକ୍ତା, ଚନ୍ଦ୍ରଶେଖର ଭୁକ୍ତା, ଚନ୍ଦ୍ରଭାନୁ ଦନ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଖଣ୍ଡହତା ପଞ୍ଚାୟତର କୁଶାଦାଦର ଗ୍ରାମରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ହେଉଛି। ଏଠାରେ ପ୍ରତ୍ୟହ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି।

# ପୁରୁଣାକଟକ, ବଲାସିଙ୍ଗା ବିଜୟୀ


ସ୍ୱାଧୀନ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ବାଉଁଶୁଣୀ,୧୯।୧୦(ଦେବାଶିଷ ନେପାକ)

**ସ୍ୱାଧୀନ ମେମୋରିଆଲ ଫୁଟ୍‌ବଲ ପ୍ରତିଯୋଗିତା**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୬ତମ ସ୍ୱାଧୀନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ୨୦୨୪ର ଶନିବାର ଦ୍ୱିତୀୟ ଦିନ ଆଇଆରବି ବଲାସିଙ୍ଗା ସହିତ ପୁରୁଣାକଟକ ମଧ୍ୟରେ ହୋଇଥିଲା। ଏଥିରେ ପୁରୁଣାକଟକ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୁରକଟା ଓ ବଲାସିଙ୍ଗା ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ଜରିଆରେ ବଲାସିଙ୍ଗା ୪-୩ ଗୋଲରେ ବିଜୟୀ ହୋଇଥିଲା। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ଜନ୍‌ହାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ଖୁଣ୍ଟବନ୍ଧ ସରପଞ୍ଚ ପ୍ରତିନିଧି ବିକ୍ରମ ମହାନନ୍ଦିଆ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ଖୁଣ୍ଟବନ୍ଧ ପାକ୍ସ ସଭାପତି ରାଜକିଶୋର, ବୁରକଟା ପୂର୍ବତନ ଗ୍ରାମ ସଭାପତି ଦେବାର ବିଶି ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଅମିତ ନାଏକ, ଅମ୍ବରୀଶ ପ୍ରଧାନ, ମାନ ଭଂଜନ ମହାରଣା, ପ୍ରହ୍ଲାଦ ଭୋକ୍ତା ପରିଚାଳନା କରିଥିଲେ। ରବିବାର ଗିରାସିଙ୍ଗା ଓ ପୁରୁଣାକଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ଦ୍ୱିତୀୟ ସେମିଫାଇନାଲ ବୀରମହାରାଜପୁର ଓ ବଲାସିଙ୍ଗା ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ୨୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ। ଏହି ଫୁଟବଲ ପ୍ରତିଯୋଗିତାରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## କାର୍ଯ୍ୟରେ ଅବହେଳା, ୩ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

ଅମରପାଲି,୧୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁଇଟି ସ୍କୁଲର ୩ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ବିଇଓ ଶାନ୍ତନୁ କୁମ୍ଭାକାର। ବିଇଓ ଶନିବାର ବିଭିନ୍ନ ସ୍କୁଲକୁ ପରିଦର୍ଶନରେ ଯାଇଥିବା ବେଳେ କାର୍ଯ୍ୟରେ ଅବହେଳା ହୋଇଥିବା ଦେଖିବାକୁ ପାଇ ଉକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଇଓ ବୀରମହାରାଜପୁର ବ୍ଲକର ବରଘାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମ୍ପିପାଲୀ ପ୍ରାଥମିକ ବିଦ୍ୟାଳୟ ଓ ବୁଠିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଭୌତିକ ପରିବେଶର ତଦାରଖ କରିଥିଲେ। ଶିକ୍ଷକମାନଙ୍କର ଲେସନ ଡାଏରୀ, ଆକ୍ଟିଭିଟି ବ୍ୟାଙ୍କ, କ୍ୱେଶ୍ଚେନ ବ୍ୟାଙ୍କ, ଟିଏଲଏମ ବ୍ୟାଙ୍କ, ଏଫଏଲଏନ ରେଜିଷ୍ଟର, କ୍ୟାଶବୁକ, ଷ୍ଟକ ରେଜିଷ୍ଟର, ଆକ୍ଟିଭିଟି ୱାଲ, ଏନଟି ବୁକ୍ସ, ଏଫଏଲଏନ ବୁକ୍ସ ସହିତ ବିଭିନ୍ନ ଶୈକ୍ଷିକ ଉପାଦାନ ତଦାରଖ କରିଥିଲେ। ତେବେ କେତେକ ଶିକ୍ଷୟିତ୍ରୀ ଶିକ୍ଷକ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଦେଖିବାକୁ ପାଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଛାତ୍ରୀଛାତ୍ରଙ୍କରଗୁଣାତ୍ମକ ଶିକ୍ଷା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି।

## ୨୮ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

ଅମରପାଲି,୧୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ବାପୁଜୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗ ଦୌଡକୁଦ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନୁସୂୟା ପଧାନ, କମିରା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ ଚାନ୍ଦ ଯୋଗଦେଇ ଦୌଡକୁଦ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଶିଲ ପଧାନ ମଞ୍ଚ ପରିଚାଳନ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ କଳକାହ୍ନୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଖେଳ ଶିକ୍ଷକ ତଥା ବ୍ଲକ କ୍ରୀଡା ସଂଯୋଜକ ରଞ୍ଜିତ କୁମାର ପଧାନଙ୍କ ତତ୍ତ୍ୱାବଧାନରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଦୌଡ଼ କୁଦ ପ୍ରତିଯୋଗିତାରେ ରେଫରୀ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲରୁ ପ୍ରାୟ ୨୬୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୨୮ ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

## ଶ୍ରୀରାମ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆଲୋଚନାଚକ୍ର

ଡୁଙ୍ଗୁରିପାଲି, ୧୯।୧୦(ଦୀନବନ୍ଧୁ ସୁନା)

**ପାଠ୍ୟ ଖସଡ଼ାଭିତ୍ତିକ ଆଲୋଚନା**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପାଠ୍ୟ ଖସଡ଼ାଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଓଡ଼ିଶାର ସଂକ୍ଷିପ୍ତ ଇତିହାସ ଓ ଦ୍ୱିତୀୟ ଅଧିବେଶନରେ ନାଟକ ନନ୍ଦିକା କେଶରୀ ଶୀର୍ଷକ ବିଷୟ ଆଲୋଚନା କରାଯାଇଛି। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଗଲପୁର ବିଜ୍ଞାନ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଶେଷ ମେହେର ମୁଖ୍ୟ ସମୀକ୍ଷକଭାବେ ଯୋଗଦେଇ ଉଭୟ ବିଷୟ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଟିକେଚାନ୍ଦ ବାଗ, ସମ୍ମାନ ପ୍ରଭାରୀ ଅଧ୍ୟାପକ ଲମ୍ବୋଦର ପଧାନ, ଅଧ୍ୟାପିକା ପ୍ରଜ୍ଞାନସିନୀ ସାହୁ, ଅଧ୍ୟାପିକା ବର୍ଷାରାଣୀ ଚିରଗୁଣ ପ୍ରମୁଖ ବିଷୟ ବସ୍ତୁ ଉପରେ ତର୍ଜମା କରିଥିଲେ। ଛାତ୍ରୀ ପ୍ରୀତିରାଣୀ, ଅର୍ଚ୍ଚିତା ପ୍ରବନ୍ଧ ପଠନ କରିଥିଲେ। ତୃତୀୟ ବର୍ଷ ଛାତ୍ରୀ ରୋଜି ରଣା ମଞ୍ଚ ପରିଚାଳନା ଓ ସୁନିତା କାଲସେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଲୋନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ବୃନ୍ଦ।

# ଲକ୍ଷ୍ମୀଙ୍କ ବିବାହ ପାଇଁ ବରୁଣ ରାଜା ଚିନ୍ତିତ

ଅମରପାଲି,୧୯।୧୦(ପୀତାମ୍ବର ସାହୁ)


ମୁରାସୁର ଦରବାରରେ ୨ ମାଟ୍ରିକ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମୁର୍ଷୁଣ୍ଡୀ ମୁରାସୁର ଦରବାର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ୪୨ତମ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଛି ମୁରାସୁର ଦରବାର। ପ୍ରତ୍ୟହ ସନ୍ଧ୍ୟାରେ ପରିବେଷଣ ହେଉଥିବା ମୁରାସୁର ଦରବାରର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ସନ୍ଧ୍ୟାରେ ମୁରାସୁର ପାତ୍ରମନ୍ତ୍ରୀଙ୍କ ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରି ରାଜ ଦରବାରରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ପର୍ଯ୍ୟାୟକ୍ରମରେ ନାଟକ ପରିବେଷଣ ହୋଇଥିଲା। କୃଷ୍ଣ ବହ୍ଳବ ଗୃହେ ଶେଷ ନୃସିଂହଙ୍କ ଜନ୍ମ, ବରୁଣ ରାଜା ଲକ୍ଷ୍ମୀଙ୍କ ବିବାହ ପାଇଁ ଚିନ୍ତିତ, ଦେବଗଣଠାରୁ ପରାମର୍ଶ ଆଦି ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହୋଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। ବୀରମହାରାଜପୁର ଭୀମ ଭୋଇ କଳା ନିକେତନ ଦ୍ୱାରା ପରିବେଷିତ ଡାଲଖାଇ, ସମ୍ବଲପୁରୀ, ରସରକେଲି ଆଦି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏହା ଦେଖିବାକୁ ସହସ୍ରାଧିକ ଦର୍ଶକଙ୍କ ଭିଡ଼ ହୋଇଥିଲା। ମୁରାସୁର ଦରବାର ପରେ ମହିଳା ସଙ୍କୀର୍ତ୍ତନ ବୈଠକ ପରିବେଷଣ ହୋଇଥିଲା। ଏଥିରେ ସୀମରାଣି ଦାସ ଓ ପଦ୍ମିନୀ ନାଏକ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଦିନବେଳା ପଣ୍ଡିତ ଅଜିତ ଦାସଙ୍କ ଦ୍ୱାରା ରାମାୟଣ ପାରାୟଣ କରାଯାଇଥିଲା। ଏହିକ୍ରମରେ ଏଥିରେ ସୀତା ବିବାହ ପରିବେଷଣ ହୋଇଥିଲା। ମଞ୍ଚରେ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା କୁନ୍ତି ସାହୁ ଓ ପୁରନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ବଳରାମ ପଧାନ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ତ୍ରୟାଞ୍ଜିବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ସଙ୍କୀର୍ତ୍ତନ ଗାୟିକା ସୁନୀତା ସାହୁ ଓ ନିକିତା ବେହେରାଙ୍କ ଦାରା ସଙ୍କୀର୍ତ୍ତନ ବୈଠକି ପରିବେଷଣ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ସଂକ୍ଷେପରେ

### ସରକାରୀ ମେଡିକାଲ କଲେଜ, ଡାକ୍ତରଖାନାରେ ସବୁ ବିଭାଗର ସ୍ୱାସ୍ଥ୍ୟ ସେବା ଆରମ୍ଭ ଦାବି

**ସୁନ୍ଦରଗଡ଼,୧୯।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼କୁ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଆଶ୍ୱାଥୀ ଏସଙ୍କୁ ସଦଭାବନା ଭବନଠାରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଥିଲେ। ବିଧାୟକ ଯୋଗେଶ କୁମାର ସିଂଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡିର ଏହି ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ଏଠାରେ ଥିବା ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ସବୁ ପ୍ରକାର ସୁବିଧା ଥାଇ ମଧ୍ୟ ସବୁ ବିଭାଗର ଚିକିତ୍ସା ସୁବିଧା ଉପଲବ୍ଧ ହେଉ ନ ଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ଶାସନ ସଚିବ ଶାଳିନି ପଣ୍ଡିତଙ୍କ ଗସ୍ତ ବେଳେ ଖୁବଶୀଘ୍ର ଡାକ୍ତରଖାନାରେ ସବୁ ବିଭାଗର ଚିକିତ୍ସା ସୁବିଧା ଉଭୟ ଆଉଟଡୋର ଏବଂ ଇନଡୋରରେ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ। ଯାହାଦ୍ୱାରା ଏଠାରେ ଲାଗିଥିବା ବିଭିନ୍ନ ପ୍ରକାର ବହୁମୂଲ୍ୟ ଯନ୍ତ୍ରପାତି ବ୍ୟବହାର ନ ହୋଇ ଖରାପ ହେଉଛି। ବିଶେଷ କରି ଏଠାରେ ନ୍ୟୁରୋଲଜି ଏବଂ କାର୍ଡିଓଲଜି ବିଭାଗରେ କୌଣସି ଡାକ୍ତର ନ ଥିବାରୁ ଲୋକେ ଚିକିତ୍ସା ପାଇଁ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ଏଠାରେ ଏହି ୨ବିଭାଗର ୨ଜଣ ଡାକ୍ତରଙ୍କୁ ନିଯୁକ୍ତି କରିବା ସହିତ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ସବୁ ବିଭାଗର ଇଣ୍ଡୋର ଚିକିତ୍ସା ଶୀଘ୍ର ଆରମ୍ଭ କରିବାକୁ ଦାବି କରିଥିଲେ। ଏ ସବୁ ଦାବି ବିଷୟରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂଙ୍କ ଏକ ଦାବିପତ୍ରକୁ ଜୟ ନାରାୟଣ ସ୍ୱାସ୍ଥ୍ୟବିଭାଗର କମିଶନର ତଥା ଶାସନ ସଚିବଙ୍କୁ ଦେଇଥିଲେ। ଏହି ବିଜେଡି ପ୍ରତିନିଧି ମଣ୍ଡଳୀରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ପୂର୍ବତନ ଟାଉନ ବିଜେଡି ସଭାପତି ଅଶୋକ ମହାନ୍ତି, ବିଜେଡି ନେତା ଗୌରାଙ୍ଗ ଧଳ, ସଞ୍ଜୟ ପଟ୍ଟନାୟକ, ଟାଉନ ବିଜେଡି ଛାତ୍ର ସଭାପତି ନରଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଆଁରମୁଣ୍ଡା,୧୯।୧୦(ମହେନ୍ଦ୍ର କୁମାର ସାହୁ):** ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ଜଣେ ମାନସିକ ଚାପଗ୍ରସ୍ତ ଯୁବକ ଆତ୍ମହତ୍ୟା କରିବା ପାଇଁ ଶନିବାର ଉଦ୍ୟମ କରିଥିଲେ। ୬ ଘଣ୍ଟା ପରେ କୁଆଁରମୁଣ୍ଡା ପୋଲିସ ଟିମ ଓ ଅଗ୍ନିଶମ ଦଳ ସହାୟତାରେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା କୁଆଁରମୁଣ୍ଡା ବ୍ଲକ ଖାରବେଡା ପଞ୍ଚାୟତ ରିଉଁରେ ଦେଖିବାକୁ ମିଳିଛି। ଉଦ୍ଧାର ଯୁବକ ହେଉଛନ୍ତି ରିଉଁ ଗ୍ରାମର ସୁକାନ୍ତ ମୁଣ୍ଡାରୀ(୩୦)। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ,ଶନିବାର ସକାଳ ୬ଟାରୁ ସୁକାନ୍ତ ଘରୁ ବାହାରି ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ୪ ଶହ କେଭି ବିଦ୍ୟୁତ ଟାୱାରରେ ଚଢ଼ି ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଏନେଇ ଖବର ପାଇ ଖାରବେଡ଼ା ସରପଞ୍ଚ ରିନା ଓରାମ ତୁରନ୍ତ କୁଆଁରମୁଣ୍ଡା ଫାଣ୍ଡି ଓ ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ଟିମ ସେଠାରେ ପହଞ୍ଚି ଦୀର୍ଘ ୬ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ସୁକାନ୍ତଙ୍କୁ ଉଦ୍ଧାର କରିଥିଲେ। ଏହି ଉଦ୍ଧାର କାର୍ଯ୍ୟରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ରଙ୍କ ସହ ଏଏସଆଇ ଶ୍ରୀନିବାସ ଦାସ ଓ ଅନ୍ୟମାନଙ୍କ ସହ ଗ୍ରାମବାସୀସହଯୋଗ କରିଥିଲେ।

### ରେଙ୍ଗାଲମାଲରେ ଗଜଲକ୍ଷ୍ମୀ ପୂଜା

**ବଡ଼ଗାଁ,୧୯।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରେଙ୍ଗାଲମାଲ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଓ ମା' ଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂଜାରେ ପ୍ରଦୀପ କୁମାର ମହାକୁଡ଼ ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ କର୍ତ୍ତା ହୋଇଥିଲାବେଳେ କାଶୀରାମ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପୂଜାରେ ଯୋଗଦେଇଥିଲେ। ଗୁରୁବାର ରାତି ୧୦ଟାରେ ୟୁଥ କ୍ଲବର ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଲବ ସଦସ୍ୟଙ୍କ ଦ୍ୱାରା ମହେନ୍ଦ୍ର ବାଗଙ୍କ ନିର୍ଦ୍ଦେଶନାରେ ବିକ୍ରମ କେଶରୀ ଜେନାଙ୍କ ରଚିତ ସାମାଜିକ ନାଟକ 'ସକାଳ ସୁରଜ ସଞ୍ଜକୁ ନାହିଁ' ମଞ୍ଚସ୍ଥ ହୋଇଥିଲା। ପୂଜା କମିଟି ସଭାପତି ଆଶିଷ ରାଉତ, ସମ୍ପାଦକ ସନ୍ତୋଷ ରାଉତ, ପରମାନନ୍ଦ ରାଉତ, ଯୁଗେଶ୍ୱର ରାଉତ, ସଞ୍ଜୀବ ଖିଲାରି, ଜୟ ମଙ୍ଗଳ ବାରିକ, ଦୀପକ ଦାସ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ

- ସ୍ୱାସ୍ଥ୍ୟ ବିଭାଗ ଆୟୁକ୍ତ ତଥା ସଚିବଙ୍କ ୨ ଦିନିଆ ସୁନ୍ଦରଗଡ ଗସ୍ତ
- ବିଭିନ୍ନ ଡାକ୍ତରଖାନା ପରିଦର୍ଶନ
- ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯୋଜନା ଗୁଡିକର ସମୀକ୍ଷା

**ସୁନ୍ଦରଗଡ଼, ୧୯।୧୦(ଜୟ ନାରାୟଣ ମେଣ୍ଡୁଲି)**


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଶୁକ୍ରବାର ୨ ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ, ସୁନ୍ଦରଗଡ଼ ଜିଲା ନିମନ୍ତେ ନୋଡାଲ ଅଧିକାରୀ ଭାବେ ନିୟୋଜିତ ହୋଇଥିବା ଆଶ୍ୱାଥୀ .ଏସ ଶନିବାର ସକାଳେ ଜିଲାର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ପୂର୍ବାହ୍ନରେ ସଦଭାବନା ଭବନଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯୋଜନା ଗୁଡିକର ସମୀକ୍ଷା କରିଥିଲେ। ସକାଳେ ସଚିବ ଅଶ୍ୱାଥୀ ଏସ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସେ ବିଭିନ୍ନ ବିଭାଗ ଯଥା ଏଲଆର୍, ଏସଏନସିୟୁ, ଏନଆର୍‌ସି, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଆଇସିୟୁ, ବ୍ଲଡ ବ୍ୟାଙ୍କ, ଡାଇଲିସିସ ୟୁନିଟ, ଓପିଡି, ପୁରୁଷ ଓ ମହିଳା ୱାର୍ଡ ଆଦି ପରିଦର୍ଶନ କରିଥିଲେ। ଡାକ୍ତର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀ ତଥା କର୍ମଚାରୀଙ୍କ ସହିତ ଜନସାଧାରଣଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉପରେ ଆଲୋଚନା କରିଥିଲେ। ପରେ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ ମଧ୍ୟ ପରିଦର୍ଶନ କରିଥିଲେ। ଡାକ୍ତର ଏବଂ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପିଏଚସିକୁ ମଧ୍ୟ ପରିଦର୍ଶନରେ ଯାଇଥିଲେ ଏବଂ ଉତ୍ତମ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରିଥିବା ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ପ୍ରସଂଶା କରିଥିଲେ। ପରେ ସଦଭାବନା ଭବନଠାରେ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ,ଯୋଜନା, କାର୍ଯ୍ୟକ୍ରମ ଆଦିର ସମୀକ୍ଷା କରିଥିଲେ ଏବଂ ଯୋଜନା ବା କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନେଇ ବିଭିନ୍ନ ଅସୁବିଧା ଏବଂ ସମସ୍ୟା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ସମସ୍ତ ବିଭାଗ ଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଆପୋଷ ସହଯୋଗ ମାଧ୍ୟମରେ ଜିଲାର ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କ୍ରମରେ ଜିଲା ପରିଷଦ ଅଧୀନରେ ଜିଲାରେ ଚାଲିଥିବା ବିଭିନ୍ନ ଯୋଜନା ,କାର୍ଯ୍ୟକ୍ରମ ଆଦିର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ, ପିଏମ ଜନମାନ, ପାନୀୟ ଜଳ ଯୋଗାଣ, ସାମୂହିକ ଶୌଚାଳୟ ଆଦି ଉପରେ ଉପସ୍ଥାପନ କରିଥିଲେ। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଓ ରାସ୍ତା ଆଦିର ସ୍ଥିତି ସମ୍ପର୍କରେ ବୈଠକରେ ଅବଗତ କରାଯାଇଥିଲା। ଜିଲା ଶିକ୍ଷା ବିଭାଗ ପକ୍ଷରୁ ପଞ୍ଚଶଖା ଶିକ୍ଷା ସେତୁ ଯୋଜନା, ପିଏମଶ୍ରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଦ୍ୟାଳୟ, ହଷ୍ଟେଲର ସ୍ଥିତି, ପାଚେରୀ ନିର୍ମାଣ ତଥା ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସ୍ଥିତି ଓ ଆବଶ୍ୟକତା ସମ୍ବନ୍ଧରେ ବୈଠକରେ ଉପସ୍ଥାପନା କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଜିଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା, ପଞ୍ଜିକରଣ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ସେହିପରି ଜିଲା ମଙ୍ଗଳ ଅଧିକାରୀ ତାଙ୍କ ବିଭାଗ ଅଧିନରେରେ ଥିବା ବିଦ୍ୟାଳୟ, ହଷ୍ଟେଲ ଆଦି ଉପରେ ଉପସ୍ଥାପନ କରିଥିଲେ। ସେହିପରି ଲହୁଣୀପଡ଼ା ବ୍ଲକ ଅର୍ନ୍ତଗତ ପିଭିଟିଜି ମାନଙ୍କ ପାଇଁ ଚାଲୁଥିବା ସତନ୍ତ୍ର ବିଦ୍ୟାଳୟ ଉପରେ ମଧ୍ୟ ସୂଚନା ଦେଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲାପାଳ ମନୋଜ ମହାଜନ, ରାଉରକେଲାର ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ର ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପ ଜିଲାପାଳ ଦାଶରଥି ସରାବୁ, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓପିଏସ୍‌ସିରେ ମୁକେଶଙ୍କ ସଫଳତା
### ଚାରିଆଡୁ ଶୁଭେଚ୍ଛାର ସୁଅ



**ବଣାଇଁ,୧୯।୧୦(ପ୍ରଦୀପ ତ୍ରିପାଠୀ):** ଓପିଏସ୍‌ସି ମେଧା ତାଲିକାରେ ବଣାଇଁର ମୁକେଶ କୁମାର ପୃଥାଳ କୃତିତ୍ୱ ଅର୍ଜନ କରି ଅଞ୍ଚଳକୁ ଗୌରବାନ୍ୱିତ କରିବା ସହ ଯୁବପିଢ଼ି ପାଇଁ ପ୍ରେରଣା ସାଜିଛନ୍ତି। ବଣାଇଁର ତଳିତା ଗ୍ରାମର ଏକ ସାଧାରଣ ପରିବାରରୁ ଜନ୍ମିତ ମୁକେଶ ପ୍ରାଥମିକ ଶିକ୍ଷା ତଳିତା ଗାଁ ସ୍କୁଲରେ ଆରମ୍ଭ କରି ବଡ଼ ଗୋଗୁଆରେ ହାଇସ୍କୁଲ ଓ ସିହିଡିଆରେ ଯୁକ୍ତ ୨ ପଢ଼ି ବଣାଇଁଗଡ଼ ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ କରିଥିଲେ। ପରେ ବିଇଡିରେ କୃତକାର୍ଯ୍ୟ ହୋଇ ବାବୁ ନୂଆଗାଁ ରାଧାନାଥ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି । ଚଳିତବର୍ଷ ଓପିଏସ୍‌ସି ପରୀକ୍ଷାରେ (୪୬୦ ରାଙ୍କ) କୃତକାର୍ଯ୍ୟ ହୋଇଛନ୍ତି। ଏହି କୃତିତ୍ୱ ପାଇଁ ମୁକେଶଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଗ୍ରାମସଭାରେ ସମସ୍ୟା ଜଣାଇଲେ ଗ୍ରାମବାସୀ

**ବଡ଼ଗାଁ,୧୯।୧୦(ଅଶୋକ ଷଡ଼ଙ୍ଗୀ)**



ସୁନ୍ଦରଗଡ଼ ଜିଲାର ବଡ଼ଗାଁ, ଦାଣ୍ଡଜମିରା, ଟିମନା, ଟିକିଲିପଡା, ରୁନଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ପଞ୍ଚାୟତରେ ସରପଞ୍ଚ ସୁନ୍ଦର ସାମୁଏଲ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କିରନ ପଟେଲ ପରିଚାଳନା କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ଷମ କରାଇବା, ବିଭିନ୍ନ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରିବା, ପାନୀୟ ଜଳ ଯୋଗାଣ, ଅଧାପନ୍ତରିଆ କଲ୍ୟାଣ ମଣ୍ଡପକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏହାସହିତ ଗ୍ରାମବାସୀମାନେ କଲ୍ୟାଣ ମଣ୍ଡପକୁ ପଞ୍ଚାୟତର ଅଜାଣତରେ ଭଡ଼ାରେ ଲଗାଯାଇଥିବା ଅଭିଯୋଗ କରିଥିଲେ। ଏହି ଘଟଣା ଉପରେ ବଡ଼ଗାଁ ବିଡିଓ ତଦନ୍ତ କରିବେ ବୋଲି କହିଥିଲେ। ଦାଣ୍ଡଜମିରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗୋବର୍ଦ୍ଧନ ହାହାଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ସତପ୍ରଜ୍ଞା ଦାସ ଏହାକୁ ପରିଚାଳନା କରିଥିଲେ। ଏହି ପଞ୍ଚାୟତର କେତେକ ରାସ୍ତାର ଉନ୍ନତୀକରଣ, ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଅନୁରୂପ ଅନ୍ୟ ୩ଟି ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବିଡିଓ ସୁମତି ପଣ୍ଡା, ଏବିଡିଓ ଉଷାବତୀ ଗରଡିଆ ପଞ୍ଚାୟତର ଏହି ଗ୍ରାମସଭାରେ ଯୋଗଦେଇଥିଲେ।

## ସ୍ୱାସ୍ଥ୍ୟ ସଚିବଙ୍କ ରାଜଗାଙ୍ଗପୁର ଗସ୍ତ

**ରାଜଗାଙ୍ଗପୁର,୧୯।୧୦(ଅଶୋକ ପାଣି)**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଓ ଆୟୁକ୍ତ ଅଶ୍ୱସ୍ତି ଏସ ଏସ ଶୁକ୍ରବାର ସନ୍ଧ୍ୟାରେ ରାଜଗାଙ୍ଗପୁର ବ୍ଲକର ଝଗରପୁର ଗ୍ରାମ ପରିଦର୍ଶନ କରିଥିଲେ। ସେଠାର ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଟଙ୍କା ପ୍ରାପ୍ତ ହୋଇଛି କି ନାହିଁ ତାହା ପଚାରି ବୁଝିଥିଲେ। ସେହିପରି ଡାଲମିଆ ସିମେଣ୍ଟ ଓ ଓରମାସର ମିଳିତ ଭାବେ ପରିଚାଳିତ ବାଟିକ ହସ୍ତକଳାରେ କାମ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ବ୍ୟବସାୟ ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ ଦେଖିଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁରଞ୍ଜନ ସାହୁ, ସୁନ୍ଦରଗଡ ଉପଜିଲାପାଳ ଦାସରଥି ସରାବୁ, ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଗ, ଝଗରପୁର ସରପଞ୍ଚ ଲଳିତ ଲାକ୍ରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ରାକ୍ଟର ସହ କାଠ ଜବତ

**ଖପ୍ରାଖୋଲ,୧୯।୧୦(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ହରିଶଙ୍କର ରେଞ୍ଜ ବନ ବିଭାଗ ତରଫରୁ ଚଢାଉ କରାଯାଇ ଖପ୍ରାଖୋଲ ନିକଟରୁ ଏକ ଖଇର କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏହାସହ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଶନିବାର ମଧ୍ୟାହ୍ନରେ ଖଇର କାଠ ବୋଝେଇ ହୋଇ ଟ୍ରାକ୍ଟରରେ ଚୋରା ଚାଲାଣ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା।

# ଓପିଏସ୍‌ସିରେ ସଫଳତା ହାସଲ କଲେ ସୁନ୍ଦରଗଡ଼ର ଝିଅ ନୂରୀ

**ସୁନ୍ଦରଗଡ,୧୯।୧୦(ଜୟ ନାରାୟଣ ମେଣ୍ଡୁଲି)**



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା (ଓପିଏସସି)ରେ ସୁନ୍ଦରଗଡ଼ ଡେଙ୍ଗିଭାଡିର ନୂରୀ ପରୱିନ ୧୩ତମ ସ୍ଥାନରେ ରହି ସଫଳତା ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗରେ ଅତିଥି ଅଧ୍ୟାପିକାଭାବେ କାର୍ଯ୍ୟରତ ପରୱିନ ରାଜଗାଙ୍ଗପୁରର ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ସୁନ୍ଦରଗଡ ଜିଙ୍କ ନଗର ସ୍ଥିତ ନବୋଦୟ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରି ସମ୍ବଲପୁର ସ୍ଥିତ ଗଙ୍ଗାଧର ମହାବିଦ୍ୟାଳୟରୁ ଇରାଜୀ ସମ୍ମାନରେ ସ୍ନାତକ ଶିକ୍ଷା ଶେଷ କରିଥିଲେ। ପରେ ଦିଲ୍ଲୀ ସ୍କୁଲ ଅଫ ଇକୋନମିକ୍ସରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ଦିଲ୍ଲୀରେ କଣ୍ଟେନ ରାଇଟର ଭାବେ କାର୍ଯ୍ୟ କରି ସୁନାମ ହାସଲ କରିଥିଲେ। ଏହାପରେ ଦିଲ୍ଲୀରେ ସର୍ବ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା(ୟୁପିଏସସି)ପାଇଁ ପ୍ରସ୍ତୁତି କରି କୋଚିଂ ନେଇ ପରୀକ୍ଷା ଦେଇଥିଲେ। ଏହି ସଫଳତା ହାସଲ ପରେ ଧରିତ୍ରୀକୁ ପ୍ରଥମେ ତାଙ୍କର ପ୍ରତିକ୍ରିୟା ଦେଇ ସଫଳତାର ଶ୍ରେୟ ତାଙ୍କ ବାପା ଏସ କେ ଲିୟାକତ ଅଲ୍ଲୀ ଓ ମା' ଶିକ୍ଷୟିତ୍ରୀ ଜିନତ ପରୱିନଙ୍କୁ ଦେଇଛନ୍ତି। ନୂରୀ କହିଛନ୍ତି ଯେ,ବ୍ଲକ ଗ୍ରାମ ସେବକଭାବେ କାର୍ଯ୍ୟ କରୁଥିବା ପରଲୋକଗତ ତାଙ୍କ ବାପା ଛୋଟ ବେଳରୁ ସିଭିଲ ସର୍ଭିସ ପାଇଁ ପ୍ରେରଣା ଯୋଗାଇ ଆସୁଥିଲେ। ଏପରିକି ବିଭିନ୍ନ ମହାପୁରୁଷଙ୍କ ଜୀବନୀ, ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱବୋଧ ଓ କାର୍ଯ୍ୟ ଧାରାର ଉଦାହରଣ ଦେବାସହ ପୁସ୍ତକ ପଠନ,ପ୍ରବନ୍ଧ ଲିଖନ ଉପରେ ଗୁରୁତ୍ୱ ଦେଇ ପ୍ରେରଣା ଯୋଗାଇ ଆସୁଥିଲେ। ବାପାଙ୍କ ପରଲୋକ ପରେ ରାଜଗାଙ୍ଗପୁର ଉର୍ଦ୍ଦୁ ନୋଡାଲ ହାଇସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ତାଙ୍କ ମା' ଜୀନତ ପରୱିନ ମଧ୍ୟ ବାପାଙ୍କ ସ୍ୱପ୍ନ ପୂରଣ ପାଇଁ ତାଙ୍କୁ ପ୍ରେରଣା ଦେଇଥିଲେ। ନିଜର ବୃତ୍ତିଗତ କାର୍ଯ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଗୁରୁତ୍ୱ ଦେଇ କାମ କଲେ ଯେକୌଣସି ସମାଜର ବିକାଶ ସମ୍ଭବ ହୋଇପାରିବ ବୋଲି ନୂରୀ ପରୱିନ ମତବ୍ୟକ୍ତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି। ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଟେନ୍‌ସାରେ ଗଜଲକ୍ଷ୍ମୀ ପୂଜା

**ଟେନ୍‌ସା,୧୯।୧୦(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ ଜିଲା ଟେନ୍‌ସା ଇସ୍ପାତ ଷ୍ଟାଡିୟମଠାରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ହେଲେ ମିନାବଜାରରେ ଲୋକଙ୍କ ଭିଡ ଜମୁଛି। କଲିକତା ଦକ୍ଷିଣେଶ୍ୱର କାଳୀ ମନ୍ଦିରର ତୋରଣ ଭକ୍ତଙ୍କୁ ଖୁବ୍ ଆକୃଷ୍ଟ କରିଛି। ପ୍ରଥମେ ୨୮ ଜଣ ପିଲାଙ୍କୁ ନେଇ ଆରମ୍ଭ ହୋଇଥିଲା ମା'ଙ୍କ ପୂଜା। ବର୍ତ୍ତମାନ ଏହି ସଂଖ୍ୟା ୨୮୦ରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ପଣ୍ଡିତ ପ୍ରଶାନ୍ତ ଶତପଥୀ(ନିଲୁ ବାବା) ମା'ଙ୍କ ପୂଜାପାଠ କରୁଥିବା ବେଳେ ପପୁ ମହାନ୍ତି, ଟୁଟୁଲି ପଢ଼ିଆରୀ,ମାନସ ଦାସ, ଗୁଡୁଆ ଜୟସ୍ୱାଲ ସମେତ ଟେନ୍‌ସା ଲକ୍ଷ୍ମୀ ପୂଜା କମିଟିର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂଜା ପରିଚାଳନା କରିଥିଲେ।

# କୁତ୍ରା ସରକାରୀ ଆଇଟିଆଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**କୁତ୍ରା,୧୯।୧୦(ଦେବାଶିଷ ସାହୁ)**

କୁତ୍ରା ସ୍ଥିତ ସରକାରୀ ଆଇଟିଆଇରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୨ ବର୍ଷ ତଳେ କୁତ୍ରାରେ ସରକାରୀ ଶିକ୍ଷନୁଷ୍ଠାନ ଆରମ୍ଭ ହୋଇଥିଲା। ଏହାର ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରମାନେ ଚଳିତ ଶିକ୍ଷା ବର୍ଷରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଶିକ୍ଷାନୁଷ୍ଠାନର ଅଧକ୍ଷ ଉତ୍ତମ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ପ୍ରମୋଦ କୁମାର ବାସ୍କେ ଯୋଗଦେଇ ଉତ୍ତୀର୍ଣ୍ଣ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଭୂବନ କୁଜୁର, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନାର ଅନୁପମ ମିଶ୍ର, ଗତିକୃଷ୍ଣ ପଣ୍ଡା, ସୁଧାଂଶୁ ଭୋଇ ପ୍ରମୁଖ ଅଧିକାରୀମାନେ ଉପସ୍ଥିତଥିଲେ। ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପାସ ଆଉଟ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଅଧ୍ୟାପକଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

# ରାଜଗାଙ୍ଗପୁର ମହିଳା କଲେଜକୁ ମିଳିଲା ବି ପ୍ଲସ ମାନ୍ୟତା

**ରାଜଗାଙ୍ଗପୁର,୧୯।୧୦(ଅଶୋକ ପାଣି)**




ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ସରବତୀ ଦେବୀ ମହିଳା ମହାବିଦ୍ୟାଳୟକୁ ବି ପ୍ଲସ ମାନ୍ୟତା ମିଳିଛି। ଏନେଇ କଲେଜରେ ଖୁସିର ଲହରୀ ଖେଳିଯାଇଛି। ଗତ ୯ଓ ୧୦ ତାରିଖରେ କଲେଜକୁ ୨ଦିନିଆ ଗସ୍ତରେ ଆସିଥିଲେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସକାଉନସିଲ(ନାକ) ପ୍ରତିନିଧି ଦଳ। ପ୍ରଫେସର ଅନିଲ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଆସିଥିବା ପ୍ରତିନିଧି ଦଳରେ ପ୍ରଫେସର ମଞ୍ଜୁଶ୍ରୀ ବିଳାସରାଓ ବୋବାଦେ ସଦସ୍ୟ ଥିବା ବେଳେ ଡ. ଦିବାକର ତିୱାରୀ ସଦସ୍ୟ ସଂଯୋଜକ ରହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା କୁମାରୀ ଲେଙ୍କାଙ୍କ ସହ ପ୍ରତିନିଧି ଦଳ ବିଭିନ୍ନ ଆଲୋଚନା କରିଥିଲେ। ଏହାପରେ ଅଧ୍ୟକ୍ଷାଙ୍କ ଦ୍ୱାରା ମହାବିଦ୍ୟାଳୟର ବିଭିନ୍ନ ତଥ୍ୟ ପ୍ରତିନିଧି ଦଳ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଅଧ୍ୟାପକ ସପନ କୁମାର ପଣ୍ଡା ପାଞ୍ଚ ବର୍ଷର ବିବରଣୀ ଉପସ୍ଥାପନା କରିଥିଲେ। ନାକ କମିଟି ସଦସ୍ୟମାନେ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ ଏବଂ ୫ଟି ବିଭାଗର ବିଭାଗୀୟ ମୁଖ୍ୟ(ଉଦ୍ଭିଦ, ପ୍ରାଣିବିଜ୍ଞାନ, ରାଜନୀତି ବିଜ୍ଞାନ, ଗୃହ ବିଜ୍ଞାନ ଏବଂ ଅର୍ଥନୀତି )ପିପିଟି ଜରିଆରେ ତାଙ୍କର ବିଭାଗର ପାଞ୍ଚ ବର୍ଷର ସଫଳତା ବିଷୟରେ ଉପସ୍ଥାପନା କରିଥିଲେ। ପରେ ନାକ କମିଟି ବିଜ୍ଞାନ ବିଭାଗର ଲ୍ୟାବ୍ରୋଟୋରି ସମେତ ଛାତ୍ରୀନିବାସ, ବଗିଚା ବୁଲି ଦେଖିଥିଲେ। କ୍ରୀଡା, ଏନସିସି, ଏନଏସଏସ ପରି ବିଭିନ୍ନ ଶାଖା କିଭଳି କାର୍ଯ୍ୟ କରୁଛି ସେ ନେଇ ମଧ୍ୟ ଅନୁଧ୍ୟାନ କରିଥିଲେ। ନାକ ଟିମର ସଦସ୍ୟମାନେ ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ରାଜନୀତି ବିଜ୍ଞାନ, ଅର୍ଥନୀତି ବିଭାଗ ସହ ଗୃହବିଜ୍ଞାନ ବିଭାଗ ବୁଲିଥିଲେ । ବିଭିନ୍ନ ବିଭାଗର ଗବେଷଣା, ପାଠ୍ୟ ପୁସ୍ତକ ଉପଲବ୍ଧି ସମ୍ପର୍କରେ ଦେଖିଥିଲେ। ପିଲାଙ୍କୁ କିଭଳି ଶିକ୍ଷା ଦିଆଯାଉଛି, ଦ୍ୱନ୍ଦ୍ୱ ଦୂର ପାଇଁ କେଉଁ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି ସେ ବିଷୟରେ ବି ବୁଝିଥିଲେ। ଛାତ୍ରୀଙ୍କୁ ଭେଟି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ପୁରାତନ ଛାତ୍ରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ନୂତନ ଶୈକ୍ଷିକ ଭବନ ପରିଦର୍ଶନ କରି ପ୍ରାଚୀର ପତ୍ରିକା ସମେତ ଅନ୍ୟାନ୍ୟ ଶୋଭନୀୟ ବସ୍ତୁ ଦେଖିଥିଲେ। ମ୍ୟାନେଜମେଣ୍ଟ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଦରମା ବିଷୟରେ ଆଲୋଚନା କରି ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। ଏଥିସହ ମହାବିଦ୍ୟାଳୟର ପରୀକ୍ଷା ପରିଚାଳନା ସମେତ ଆଣ୍ଟି ରାଗିଂ, ସ୍ୱତନ୍ତ୍ର ଅଭିଯୋଗ ସେଲ, କ୍ୟାରିଅର କାଉନସେଲିଙ୍ଗ ସେଲ, ରିସର୍ଚ୍ଚ ସେଲ ସହିତ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରିଥିଲେ। ପରିଚାଳନା କମିଟିର ପ୍ରେସିଡେଣ୍ଟ ଡ. କମଳ କୁମାରୀ ମିଶ୍ର, ପ୍ରାକ୍ତନ ଅଧକ୍ଷ ବିପିନ ଚୈଧୁରୀ, ଅଧ୍ୟାପକ ସପନ କୁମାର ପଣ୍ଡା, ସରୋଜିନୀ ଏକ୍କା, ସ୍ମୃତିରେଖା ନାଏକ ଏବଂ ସୁଶ୍ରୀ ଆକାଂକ୍ଷା ଲାକ୍ରା ରହିଥିଲେ। ନାକ କମିଟି ଅଧକ୍ଷ ପ୍ରଫେସର ଅନିଲ କୁମାର ଓଝା ତାଙ୍କ ଅଭିଭାଷଣରେ ମହାବିଦ୍ୟାୟଳର ପାଞ୍ଚ ବର୍ଷର ପ୍ରଗତିକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ୫ ବର୍ଷର ରୂପରେଖ ବିଷୟରେ ବିଭିନ୍ନ ପ୍ରସ୍ତାବ ଦେଇ ଦିଲ୍ଲୀ ଅଭିମୁଖେ ଯାଇଥିଲେ। ସମସ୍ତ ତଥ୍ୟକୁ ଆଧାର କରି ଏକ ମାନଦଣ୍ଡ ସ୍ଥିର କରିଥିଲେ ଏବଂ ଏହାର ଫଳାଫଳ ପତ୍ର ମାଧ୍ୟମରେ ଶନିବାର ମହାବିଦ୍ୟାଳୟକୁ ପ୍ରେରଣ କରି ସୂଚିତ କରିଥିଲେ ଯେ ଅନୁଷ୍ଠାନଟି ବି ପ୍ଲସ ମାନ୍ୟତା ପାଇଛି।

## ସଂକ୍ଷେପରେ

### ସ୍ୱର୍ଣ୍ଣ ପଦକ ଜିତିଲେ ୯ମ ଶ୍ରେଣୀ ଛାତ୍ର

**କେଭିଏସ୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା**

ଭବାନୀପାଟଣା,୧୯।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ମୁକେଶ ମହାନନ୍ଦ କେଭିଏସ୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ତିନୋଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ଜିଲା ତଥା ସ୍କୁଲ ପାଇଁ ଗୌରବ ଆଣିଛନ୍ତି। କେରଳର ଥିରୁଭାନନ୍ତପୁରମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ଉଚ୍ଚଡିଆଁରେ ରୌପ୍ୟ ପଦକ ପାଇଥିଲେ। ଏହାସହ ତାଙ୍କୁ ୩୩ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପରେ ଆସନ୍ତା ଡିସେମ୍ବର ୨ରୁ ୫ ରାଞ୍ଚିରେ (୧୪ବର୍ଷରୁ କମ୍ ବର୍ଗ) ହେବାକୁ ଥିବା ସ୍କୁଲ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଟୁର୍ନାମେଣ୍ଟ ପାଇଁ ମୁକେଶ ଚୟନ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସୌରଭ ସାର୍କିଙ୍କ ମାର୍ଗଦର୍ଶନରେ ମୁକେଶ ଜାତୀୟ ସ୍ତରୀୟ ସଫଳତା ପାଇଛନ୍ତି। ସ୍ଥାନୀୟ ସ୍କୁଲ ଅଧ୍ୟକ୍ଷ ଭୀମସେନ ପଣ୍ଡା ତାଙ୍କର କଠିନ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ପରେ ସ୍କୁଲରେ ମୁକେଶଙ୍କୁ ସମ୍ମାନିତ କରାଯାଇଛି।

# କଳାହାଣ୍ଡିର ୧୨ ଛାତ୍ରୀଛାତ୍ର କୃତକାର୍ଯ୍ୟ

ଭବାନୀପାଟଣା/କର୍ଲାମୁଣ୍ଡା,୧୯।୧୦
(ଉତ୍ତମ କୁମାର ଦାଶ/ପ୍ରଦୀପ କୁମାର ସାହୁ)


ସିଦ୍ଧାର୍ଥ ପଣ୍ଡା


ଲଲାଟେନ୍ଦୁ ଦଣ୍ଡସେନା


ଶିବାନୀ ନାଏକ


ବିଜୟଲକ୍ଷ୍ମୀ ନାଗ


ସୋନମ ଅଗ୍ରୱାଲ


ଅମ୍ବିକା ଭାରତୀ


ଶମ୍ଭୁପ୍ରସାଦ ନାଏକ


ନନ୍ଦକିଶୋର ପାତ୍ର


କାଜଲ ଖମାରୀ


ଲମ୍ବୋଦର ନାଏକ


ତୁଳସୀରାମ ମାଝୀ


ସୁପ୍ରିୟା ପ୍ରିୟଦର୍ଶିନୀ

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା ଧର୍ମଗଡ଼ ସହର ଜଗନ୍ନାଥ ପଡ଼ାର ସିଦ୍ଧାର୍ଥ ପଣ୍ଡା ୨୦୮ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ଏହା ପୂର୍ବରୁ ସେ କୋକସରା ବ୍ଲକ କୁମଜୋରରେ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିଲେ। ବରିଷ୍ଠ ଶିକ୍ଷକ ସୁନୀଲ ପଣ୍ଡା ଓ ସୁଜାତା ପଣ୍ଡାଙ୍କ ସେ ବଡ଼ପୁଅ ଅଟନ୍ତି। ସେହିପରି ଏହି ପରୀକ୍ଷାରେ ସଫଳ ହୋଇଛନ୍ତି ଜୁନାଗଡ଼ର ପୁଅ ଲଲାଟେନ୍ଦୁ ଦଣ୍ଡସେନା। ରାଜ୍ୟରେ ସେ ୪୭ ନମ୍ବର ସ୍ଥାନ ରଖି କୃତକାର୍ଯ୍ୟ ହୋଇଛନ୍ତି। ଜୁନାଗଡ଼ ସହର ମଧ୍ୟମପଡ଼ାର ଜଗନ୍ନାଥ ଦଣ୍ଡସେନା ଓ ଶାନ୍ତି ଦଣ୍ଡସେନାଙ୍କ ପୁଅ ଅଟନ୍ତି। ଅନୁରୂପ ଭାବେ କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସ ପଡ଼ାର ରାଜେନ୍ଦ୍ର ନାଏକଙ୍କ ଝିଅ ଶିବାନୀ ନାଏକ ୬୨୭ ନମ୍ବର ସ୍ଥାନ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ (ବିଇଓ) ତଥା ଏମ୍ ରାମପୁର ବ୍ଲକ ଅଲତରା ଗ୍ରାମର ବିଜୟଲକ୍ଷ୍ମୀ ନାଗ ଓଏଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି। ସେ ପରୀକ୍ଷାରେ ୨୪୯ ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେହିପରି ଭବାନୀପାଟଣା ସହରର କୌଶଲ ଅଗ୍ରୱାଲଙ୍କ ଝିଅ ସୋନମ ଅଗ୍ରୱାଲ ୧୧୪ ନମ୍ବର ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି

**ଓଏଏସ୍ ପରୀକ୍ଷା ଫଳ ପ୍ରକାଶିତ**

ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ପ୍ରତିମା ଛତ୍ରିଆଙ୍କ ଝିଅ ଅମ୍ବିକା ଭାରତୀ ଛତ୍ରିଆ ୪୬୩ ସ୍ଥାନ ଓ ଗୋଲାମୁଣ୍ଡା ବ୍ଲକରେ ଏବିଇଓ ଭାବେ କାର୍ଯ୍ୟରତ ଥିବା ଲବଣୀ ନାଏକଙ୍କ ପୁଅ ଶମ୍ଭୁପ୍ରସାଦ ନାଏକ ୬୪୫ ନମ୍ବର ସ୍ଥାନ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏମ୍ ରାମପୁର ବ୍ଲକ ଉର୍ଲାଦାନିର ନନ୍ଦ କିଶୋର ପାତ୍ର ୬୭୭ ନମ୍ବର ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ନର୍ଲା ବ୍ଲକର ୩ଜଣ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୁସ୍କୁଟି ପଞ୍ଚାୟତ କୁଟେନ ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରୋମାଞ୍ଚଳ ଖମାରୀଙ୍କ ଝିଅ କାଜଲ ଖମାରୀ ୫୦୨ ର୍‍ୟାଙ୍କ, କେରାଣ୍ଡିଝୁଣ୍ଟି ଗ୍ରାମର ଶିକ୍ଷକ ହେମନ୍ତ ନାଏକଙ୍କ ପୁଅ ଲମ୍ବୋଦର ନାଏକ ୩୩୯ ର୍‍ୟାଙ୍କ ଓ ନର୍ଲାର ତୁଳସୀରାମ ମାଝି ୬୩୪ ର୍‍ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜୁନାଗଡ଼ ସହରର ସୁପ୍ରିୟା ପ୍ରିୟଦର୍ଶିନୀ ୬୧ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଡିଏଭି ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଲାଞ୍ଜିଗଡ,୧୯।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ପକ୍ଷରୁ ଜୋନାଲ ସ୍ତରୀୟ ଫୁଟ୍‌ବଲ ଓ ତୀରନ୍ଦାଜ କ୍ରୀଡ଼ା ପ୍ରତିଯୋଗିତା ବେଦାନ୍ତ ଟାଉନଶିପ ଖେଳପଡିଆରେ ଶନିବାର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବେଦାନ୍ତ ଲିମିଟେଡ଼ ସିଇଓ (ଆଲୁମିନା ବିଜନେସ) ପ୍ରଣବ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ୧୩ ବିଦ୍ୟାଳୟର ଫୁଟ୍‌ବଲ ୧୨ ଦଳ ଓ ତୀରନ୍ଦାଜ ୫ ଦଳର ମୋଟ ୧୮୫ ଖେଳାଳି ଭାଗ ନେଇଛନ୍ତି । ପୂର୍ବରୁ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ନେଇ ଏହି ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକ, ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି ପରିଚାଳନା କରିଥିବା ବେଳେ ଦୀପକ କୁମାର ସାହୁ, ରଶ୍ମିତା ତ୍ରିପାଠୀ, ସୁଜାତା ସା, ପଲାଶ ଚାଟାର୍ଜୀ ପ୍ରମୁଖ ସହଯୋଗ କରିଥିଲେ।

## ୨୩ରେ ପ୍ରଗତି ପଥ ମହୋତ୍ସବ

ଭବାନୀପାଟଣା,୧୯।୧୦ (ଉତ୍ତମ କୁମାର ଦାଶ)

**ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବ୍ୟକ୍ତିବିଶେଷ ସମ୍ମାନିତ ହେବେ**

ପ୍ରଗତି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତିରେ ଓ ଦ୍ୱିତୀୟ ପୁଣ୍ୟତିଥି ଅବସରରେ ଆସନ୍ତା ୨୩ ତାରିଖ ବୁଧବାର ଭବାନୀପାଟଣା ସହରସ୍ଥିତ ପ୍ରଗତି ଶିକ୍ଷାନୁଷ୍ଠାନ ପରିସରରେ ପଥ ମହୋତ୍ସବ ୨୦୨୪ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ତର୍ଜାତିକ ଫ୍ୟାଶନ ଡିଜାଇନର ସୁଜିତ ମେହେରଙ୍କୁ ବନମାଳୀ ପଣ୍ଡା ଯୁବ ପ୍ରତିଭା ସମ୍ମାନ, ବିଶିଷ୍ଟ କବି ଓ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ବିଶିଙ୍କୁ ବନମାଳୀ ପଣ୍ଡା ସାହିତ୍ୟ ସମ୍ମାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ବନମାଳୀ ପଣ୍ଡା ଶିକ୍ଷା ସମ୍ମାନ ଓ ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନକୁ ବନମାଳୀ ପଣ୍ଡା ସେବା ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ, ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, କଲେଜିଏଟ୍ ସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ଖଡ଼ିକାର, ଡିଗ୍ରୀ କଲେଜ ଉପାଧ୍ୟକ୍ଷ ଡ. ଦେବାଶିଷ ସେନ, ଜୁନିଅର ଉଇଂସ ଅଧ୍ୟକ୍ଷା ଅର୍ସିଆ ସାଏଲା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପଥ ମହୋତ୍ସବରେ ପ୍ରଗତି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ, ଟାଇକୋଣ୍ଡୋ, ପେଣ୍ଟିଂ, ରଙ୍ଗୋଲି, ନୃତ୍ୟ, ଗୀତ, କବିତା ଆବୃତ୍ତି, ବ୍ୟାଡ୍‌ମିଣ୍ଟନ, କବାଡି, ଭଲିବଲ, ଚେସ୍, କ୍ୟାରମ, ଫ୍ୟାନସି ଡ୍ରେସ, ବିଜ୍ଞାନ ମେଳା ଓ ବୈଷୟିକ ଶିକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି କଳାହାଣ୍ଡି ଜିଲାର ସୁନାମଧନ୍ୟ କବି ଓ କବୟିତ୍ରୀଙ୍କୁ ନେଇ ସ୍ୱରଚିତ କବିତା ଆବୃତ୍ତି ଅନୁଷ୍ଠିତ ହେବ।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

ନୂଆପଡ଼ା,୧୯।୧୦ (ମକାରୁ ବେମାଲ)

**ଜିଲାପାଳଙ୍କ ଅଫିସ ଆଗରେ ମହିଳାଙ୍କ ବିକ୍ଷୋଭ**

ନୂଆପଡ଼ା ସଦର ବ୍ଲକ କେନ୍ଦୁବାହାରା ଗାଁର ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ ତେଜିଛି। ଏହାକୁ ନେଇ ଶନିବାର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ପରେ କେନ୍ଦୁବାହାରା ସରପଞ୍ଚ ଜାନକୀ ମାଝିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଅବାଧ ମଦ କାରବାର ବନ୍ଦ କରିବା ପାଇଁ ଜିଲାପାଳ ମଧୁସୂଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଦାସ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା ଜିଲାରେ ଦିନକୁ ଦିନ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଗଳି, ପଡ଼ା, ରାସ୍ତା କଡରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି। ଏପରି କି ଘରେ ଘରେ ଦେଶୀ ମଦ ତିଆରି କରାଯାଉଛି। ମଦ୍ୟପାନ ଯୋଗୁ ପରିବାର ମଧ୍ୟରେ ଅଶାନ୍ତି ବଢ଼ିବାରେ ଲାଗିଛି। ଏଥିରୁ ସ୍କୁଲ ପିଲା ମଧ୍ୟ ବାଦ୍ ପଡୁନାହାନ୍ତି । ମଦ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଲୋକେ ମଦ ପିଇ ସର୍ବହରା ହେଉଛନ୍ତି । ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ଶୀଘ୍ର ବନ୍ଦ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।


ଜିଲାପାଳଙ୍କ ଅଫିସ ଆଗରେ ମଦ ବିରୋଧୀ ସ୍ଲୋଗାନ ଦେଉଛନ୍ତି ମହିଳା।

## ଝାରସୁଗୁଡ଼ା ଗଲେ କଳାହାଣ୍ଡିର ୭ କରାଟେ ପ୍ରତିଯୋଗୀ



ଲାଞ୍ଜିଗଡ଼,୧୯।୧୦(ରମେଶ ଚନ୍ଦ୍ର ନାୟକ)

**ଡିଏଭି ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ନେବେ ଭାଗ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଡିଏଭି ବେଦାନ୍ତ ଆନ୍ତର୍ଜାତିୟ ବିଦ୍ୟାଳୟର ୭ଜଣ କରାଟେ ପ୍ରତିଯୋଗୀ ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲଠାରେ ରବିବାର ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଶନିବାର ଯାତ୍ରା କରିଛନ୍ତି। ଗତ ୨୨ ଅଗଷ୍ଟରେ ଝାରସୁଗୁଡା ବ୍ରଜରାଜନଗର ଏସ୍‌ଓସିପି ଡିଏଭି ପବ୍ଲିକ ସ୍କୁଲଠାରେ କ୍ଲଷ୍ଟରସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେଇ ୬ ଜଣ ପ୍ରଥମ ସ୍ଥାନ ଓ ଜଣେ ଦ୍ୱିତୀୟ ସ୍ଥାନ ଅଧିକାର କରି ଏହି ଜୋନାଲ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବାଳକ ବିଭାଗର ୧୪ରୁ କମ ବର୍ଷ ବର୍ଗରେ ଛାତ୍ର ପୁଷ୍ପେନ୍ଦୁ ବିଶ୍ୱାଳ, ସୌନକ ସମଦର୍ଶୀ ସାହୁ ଓ ଆୟୁଷ ଦୁବେ ରହିଥିବା ବେଳେ ୧୭ରୁ କମ୍ ବର୍ଷ ବର୍ଗରେ ହିତେସ କୁମାର ମହାଖୁଡ଼ ଓ ଗଙ୍ଗାଧର ମଲ୍ଲିକ ଅଛନ୍ତି। ସେହିପରି ୧୯ରୁ କମ ବର୍ଷ ବର୍ଗରେ କିରନ ବେମାଲ ରହିଛନ୍ତି। ବାଳିକା ବିଭାଗର ୧୭ରୁ କମ ବର୍ଷ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତି। ଲାଞ୍ଜିଗଡ ଡିଏଭି ବେଦାନ୍ତ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ କୋଚ କ୍ଷମାନିଧି ମହାଖୁଡ଼, ଶିକ୍ଷକ ବିଦ୍ଦୁ ଭୂଷଣ ମୁଖାର୍ଜୀ, ଖେଳ ଶିକ୍ଷୟିତ୍ରୀ ଶିଲ୍ପୀ ଲାହାଙ୍କ ସହିତ ଝାରସୁଗୁଡା ଗସ୍ତ କରିଛନ୍ତି।

## ଖୁବ୍ ଶୀଘ୍ର ୫୫୨ ଗାଁକୁ ହେବ ଜଳ ଯୋଗାଣ

ନୂଆପଡ଼ା,୧୯।୧୦ (ମକାରୁ ବେମାଲ): ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଏପିଡି ଯୋଗେଶ୍ୱର ଭୋଇ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ବିଭାଗର ସମସ୍ତ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ମୋଟ ୬୩୪ ଗାଁରୁ ୫୫୨ ଗାଁକୁ ଜଳ ଯୋଗାଣ ଯୋଜନାରେ ସାମିଲ କରାଯାଇଛି। ଏଥିରୁ ୩୫୭ ଗାଁକୁ ଜଳ ଯୋଗାଣ ହୋଇସାରିଛି। ବିଦ୍ୟୁତ୍ ବିଭାଗ ସହାୟତାରେ ବାକି ଥିବା ପ୍ରକଳ୍ପର ବିଦ୍ୟୁତ୍ କାମ ଶୀଘ୍ର ସମ୍ପନ୍ନ କରାଯିବ। ଠିକାଦାରମାନେ ନିର୍ଦ୍ଧାରିତ ସମୟରେ କାମ ସାରିବେ । ଜଳ ଯୋଗାଣ ଯୋଜନାରେ ପ୍ରତ୍ୟେକ ଘରକୁ ବହୁ ଶୀଘ୍ର ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଖଡ଼ିଆଳ,୧୯।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପ୍ରକଳ୍ପସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀ, ମହିଳା ପରିଦର୍ଶିକା, ଶିକ୍ଷକ ଶିକ୍ଷୟିତ୍ରୀ, ଖଡ଼ିଆଳ ଭାରପ୍ରାପ୍ତ ବିଡିଓ ରମାକାନ୍ତ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦେଇ ବେଟି ବଚାଓ ବେଟି ପଢ଼ାଓ, କନ୍ୟାରତନ କରଯତନ, ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ ପ୍ରଭୃତି ସ୍ଲୋଗାନ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମୀନାକୁମାରୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ବେହେରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦେଇ ବେଟି ବଚାଓ ବେଟି ପଢ଼ାଓ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ପରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ମାଙ୍ଗଳିକା ଦାସ, ବୃନ୍ଦାବତୀ ସଗରିଆ, ଶକୁନ୍ତଳା ନାଗ, ସୁପ୍ରଭା ଜୋଷୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଖଡ଼ିଆଳ,୧୯।୧୦ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୀତା ପ୍ରଜ୍ଞାନ ମିଶନ କଟକ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ଜୟକୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ସଭାପତିତ୍ୱ କରିଥିଲେ। ବିଚାରକ ଭାବେ ରାମଚନ୍ଦ୍ର ଦାଶ, ନନ୍ଦଲାଲ ବାରିକ, ବିଜୟ ସିଂହ ରାଉତରାୟ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୪ ଗ୍ରୁପରେ ପ୍ରାୟ ୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସଫଳ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

## ମା’ ହରଗୌରୀ ପେଣ୍ଡ୍ରାଣୀଙ୍କ ବୋଲ ଯାତ୍ରା

କଲମପୁର, ୧୯।୧୦ (ଗଣେଶରାମ ବାଗ): କଳାହାଣ୍ଡି ଜିଲା କଲମପୁର ବ୍ଲକ ସାଗବାରୀ ପୀଠରେ ମା’ ହରଗୌରୀ ପେଣ୍ଡ୍ରାଣି ଦେବୀଙ୍କ ଦଶହରା ଓ ବୋଲ ଯାତ୍ରା ସମ୍ପନ୍ନ ହୋଇଛି। ବର୍ଷକରେ ଥରେ ନବରାତ୍ର ପୂଜା ସହ ପ୍ରତି ସପ୍ତାହର ରବିବାର ମା’ଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ଶାଗବାରୀଠାରେ ଏକ କୁଡ଼ିଆ ଘରେ ଦେବୀ ପୂଜା ପାଉଛନ୍ତି। ଜୁନାଗଡ଼ ବ୍ଲକ ବରଗାଁ ଦେବୀଙ୍କ ପୀଠରୁ ଆଜ୍ଞାମାଳ ଆସିବା ପରେ ଦଶହରା ଆରମ୍ଭରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ପରେ ଶନିବାର ଅନୁଷ୍ଠିତ ହୋଇଥିଲା ମା’ଙ୍କ ବୋଲ ଯାତ୍ରା। ମୁଖ୍ୟ ପୂଜକଙ୍କ ଦ୍ୱାରା ଦେବୀ ପୀଠରେ ଶୁକ୍ରବାରଠାରୁ ପୂଜାର୍ଚ୍ଚନା ପରେ ଶନିବାର ପ୍ରାତଃରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଥିଲା। ମାନସିକଧାରୀ ମାନସିକ ପୂରଣ ପରେ ଭୋଗ ଦେଇଥିଲେ। କର୍ତ୍ତାଙ୍କ ଦେହରେ ମା’ଙ୍କ କାଳିସି ଲାଗିବା ପରେ ମା’ ପୂଜା ପାଇଥିଲେ। ଲୁହାକଣ୍ଟାକୁ ମା’ ପେଟରେ ଲଗାଇ ବାଦ୍ୟର ତାଳେ ତାଳେ ମା’ ନାଚିଥିଲେ। ମହିଳାଙ୍କ ଗହଣରେ ମା’ଙ୍କ ଲାଠି ଗ୍ରାମ ପରିକ୍ରମା କରିଥିଲା। ବୋଲ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ୨୫ ବର୍ଷରେ ତେରେସିଂହା ମା’ ଗଜଲକ୍ଷ୍ମୀ ପୂଜା

**ମନ ମୋହୁଛି କଂସ ଦରବାର**

ରିଷିଡ଼ା,୧୯।୧୦(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମର ବେଲପଡ଼ାଠାରେ ଗଜଲକ୍ଷ୍ମୀ ପୂଜାର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏଥିରେ ପୂଜାକର୍ତ୍ତା ଦାୟିତ୍ୱରେ କମିଟି ସଦସ୍ୟ ଅଜୟ କୁମାର ରଣା ଓ ତାଙ୍କ ଧର୍ମପତ୍ନୀ ଗୀତା ରଣା ରହିଥିବା ବେଳେ ପୂଜକ ଡୋଳାମଣି ପଣ୍ଡିଆ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ କୀର୍ତ୍ତନଧାରା କାର୍ଯ୍ୟକ୍ରମ ସହ ରାତ୍ରିରେ କଂସ ଦରବାର ମନ ମୋହୁଛି। ଏହି ଅବସରରେ କମିଟି ପକ୍ଷରୁ କଂସ ଭୂମିକାରେ ଅଭିନୟ କରୁଥିବା ଅନିଲ କୁମାର ନାଏକ, ରିଷି ମୂର୍ତ୍ତି କାରିଗର ସଞ୍ଜୟ ରଣା, ପୂଜକ ଡୋଳାମଣି ପଣ୍ଡିଆ ଓ ଟେଣ୍ଟ ହାଉସ ମାଲିକ ଅଜୟ କୁମାର ରଣାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କଂସ ରାଜ ଦରବାର ଦେଖିବାକୁ ଆଖପାଖ ଅଞ୍ଚଳର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି। ପୂଜା କମିଟି ସଭାପତି କପିନ୍ଦ୍ର ରଣା, ସମ୍ପାଦକ ମହେଶ୍ୱର ଗହୀର, ଉପସଭାପତି ତପନ ମାଝି, ସହସମ୍ପାଦକ ରାମଚନ୍ଦ୍ର ରଣା, କୋଷାଧ୍ୟକ୍ଷ ସଞ୍ଜୀବ ରଣା (ଠାକୁର), ଯୁଗଳ କିଶୋର ନାଏକ, ବସନ୍ତ କୁମାର ସାହୁ, କ୍ଷେତ୍ରମଣି ରଣା ପ୍ରମୁଖ ସହଯୋଗ କରୁଛନ୍ତି।


କଂସ ଦରବାରରେ ସଞ୍ଜୟ ରଣାଙ୍କୁ ସମ୍ମାନିତ କରାଯାଉଛି।

# ଶେଷ ହେଲା ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା

କୋକସରା,୧୯।୧୦ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଘାଟି ତଳେ ପୂଜା ପାଉଥିବା ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ଶନିବାର ରାତିରେ ସମାପନ ହୋଇଛି। ସକାଳ ୮ଟା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯାଇଥିଲା। ଏହି ଅବସରରେ ବୁଢାରଜା ପୀଠରେ ଶୁକ୍ଳ ଭୋଗ ଓ ପାର୍ଶ୍ୱ ଦେବଦେବୀଙ୍କୁ ରକ୍ତ ଭୋଗରେ ସନ୍ତୁଷ୍ଟ କରିଥିଲେ ମାନସିକଧାରୀ। ଭକ୍ତମାନେ ପଶୁ ପକ୍ଷୀକୁ ବୁଢାରଜାଙ୍କଠାରେ ଅର୍ପଣ କରି ଜେନାବୁଢା ଦେବତା ନିକଟରେ ବଳି ଦେଇଥିଲେ।

ପୂର୍ବାହ୍ନ ୧୧ଟାରେ ଗ୍ରାମ ପୂଜକଙ୍କ ଘରୁ ଲାଠିଯାତ୍ରା ବାହାରି ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଦେବଦେବୀଙ୍କ ଲାଠି କାଳିଶି ସହ ଘୁମୁରା, ଘଣ୍ଟ ଦଳ ଓ ଲୋକ କଳାକାରଙ୍କ ନୃତ୍ୟ ସାମିଲ ହୋଇଥିଲା। ବାଟରେ ଭଣ୍ଡାର ଘରେନ ମନ୍ଦିର ନିକଟରେ ପରମ୍ପରା ଅନୁଯାୟୀ ବାଲିଗଜା ଅର୍ପଣ କରାଯାଇଥିଲା। ଲାଠିଯାତ୍ରାରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଫ୍ୟାଶନ ଡିଜାଇନର ସୁଜିତ ମେହେର, ପୂର୍ବତନ ବିଧାୟକ ମୌଷଧି ବାଗ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ। ଲାଠିଯାତ୍ରା ବୁଢାରଜା ପୀଠରେ ପହଞ୍ଚିବା ପରେ ଉକ୍ତ ବାଲିଗଜାକୁ ବୁଢାରଜାଙ୍କଠାରେ ପୂଜା କରାଯାଇଥିଲା। ପୂଜା କାର୍ଯ୍ୟ ଚାଲୁଥିବା ସମୟରେ ବୁଢାରଜାଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତ ଦେବଦେବୀ ଏହି ମଣ୍ଡେଇ ଯାତ୍ରାରେ ସାମିଲ ହୋଇ ବଜାର ପଡିଆ ପରିକ୍ରମା କରିଥିଲେ। ପରେ ପୁଣି ଥରେ ବୁଢାରଜା ପୀଠକୁ ଦେବଦେବୀ ଚାଲି ଯାଇଥିଲେ। ପରେ ଲାଖବିନ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶତାଧିକ ଯୁବକ ସାମିଲ ହୋଇ ଗଛ ଶିଖରରେ ରଖାଯାଇ ଥିବା ଜହ୍ନିକୁ ଲକ୍ଷ୍ୟ କରି ଲାଖ ବିନ୍ଧିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ଓ ପଡୋଶୀ ଜିଲାରୁ ଅନେକ ସାଂସ୍କୃତିକ ଦଳ ସାମିଲ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବାର୍ଷିକ ଦଶରା କାର୍ଯ୍ୟକ୍ରମକୁ ବୁଢାରଜା ପୂଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଜାରୀ, ଉପସଭାପତି ତିଲୋତ୍ତମା ନାଏକ, ସମ୍ପାଦକ ନକୁଳ ବାଣୁଆ, ସହ ସମ୍ପାଦକ ସନ୍ତୋଷ ମାଝି, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡା, ଟିକିଚନ୍ଦ୍ର ଧଙ୍ଗଡାମାଝି ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବ ଦେଖିବାକୁ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା।


ଲାଠି ଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

## ସଂକ୍ଷେପରେ

### ଲୋକକଳା, ସଂସ୍କୃତିକୁ ବଞ୍ଚାଇବା ଆହ୍ୱାନ



**ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶନିବାର ଲୋକକଳା, ଲୋକ ସଂସ୍କୃତି ଆମ ପରିଚୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ଝାରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବୋଧକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଆମ ଲୋକକଳା ଓ ଲୋକ ସଂସ୍କୃତି ଆମର ପରିଚୟ ବୋଲି ସେ କହିଥିଲେ ଏବଂ ଲୋକକଳା, ଲୋକ ସଂସ୍କୃତିକୁ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସଂସଦର ବରିଷ୍ଠ ସଦସ୍ୟା ଛାତ୍ରୀ ସାଗରିକା ସା ସ୍ୱାଗତ ଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦିକା ଅଶ୍ଳେଷା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରା ମହୋତ୍ସବକୁ ମିଳିନି ସରକାରୀ ଅନୁଦାନ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୫ ଜାନୁୟାରୀ ୩ତାରିଖରୁ ଆରମ୍ଭ ହେବ। ଏହି ମହୋତ୍ସବକୁ ଆଉ ପ୍ରାୟ ଅଢ଼େଇ ମାସ ବାକି ରହିଥିବା ବେଳେ ଶନିବାର ମହୋତ୍ସବ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଗତବର୍ଷର ଧନୁଯାତ୍ରା ମହୋତ୍ସବ ଉପରେ ଆଲୋଚନା ହୋଇଥିଲା। ଗତ ଧନୁଯାତ୍ରା ମହୋତ୍ସବର ଆୟବ୍ୟୟ ବିବରଣୀ ଉପସ୍ଥାପନ କରାଯାଇଥିଲା। ୨୦୨୩-୨୪ ଧନୁଯାତ୍ରା ମହୋତ୍ସବରେ ସମୁଦାୟ ୨କୋଟି ୨୪ଲକ୍ଷ ୪୧ହଜାର ୪୦୦ ଟଙ୍କା ସଂଗୃହୀତ ହୋଇଥିବାବେଳେ ସେଥିରୁ ୨କୋଟି ୧ଲକ୍ଷ ୬୮ହଜାର ୩୩୭ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। ତେବେ ବିଗତ ରାଜ୍ୟ ସରକାର ବରଗଡ଼ ଧନୁଯାତ୍ରା ପାଇଁ ପ୍ରତ୍ୟେକ ବର୍ଷ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଘୋଷଣା କରିଥିବାବେଳେ ଗତ ୨ବର୍ଷ ହେଲା ତାହା ମିଳି ନ ଥିବା ଜଣାପଡ଼ିଛି। ଧନୁଯାତ୍ରାକୁ ରାଜ୍ୟ ସରକାରଙ୍କ ଏଭଳି ଅଣଦେଖା ମନୋଭାବକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପଟେ ଆସନ୍ତା ଧନୁଯାତ୍ରା ମହୋତ୍ସବ ପାଇଁ ଆଉ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରିଣୀ ବୈଠକ।

ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତଥା ଆବାହକ ସୁରେଶ୍ୱର ଶତପଥୀ ଗତବର୍ଷ ଧନୁଯାତ୍ରାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଗତ ୨୦୨୩-୨୪ ଧନୁଯାତ୍ରା ମହୋତ୍ସବରେ ସମୁଦାୟ ୨କୋଟି ୨୪ଲକ୍ଷ ୪୧ହଜାର ୪୦୦ ଟଙ୍କା ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ଜମି ଅଧିଗ୍ରହଣ ବାବଦକୁ ସର୍ବାଧିକ ୨କୋଟି ୯ଲକ୍ଷ ୪୧ହଜାର ୧୨୩ଟଙ୍କା ସଂଗୃହୀତ ହୋଇଥିବାବେଳେ ବିଭିନ୍ନ ସୂତ୍ରରୁ ୭୫ହଜାର ଟଙ୍କା ଡୋନେଶନ, କଂସଙ୍କ ଜରିମାନା ବାବଦକୁ ୪୫୦୦ ଟଙ୍କା ଏବଂ ବ୍ୟାଙ୍କରେ ଜମାରାଶିର ସୁଧ ବାବଦକୁ ୧୩ଲକ୍ଷ ୮୦ହଜାର ୨୭୭ଟଙ୍କା ରହିଛି। ଅନ୍ୟପଟେ ୨୦୨୩-୨୪ ଧନୁଯାତ୍ରା ମହୋତ୍ସବରେ ୨କୋଟି ୧ଲକ୍ଷ ୬୮ହଜାର ୩୩୭ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। ସେଥିରୁ ସାଂସ୍କୃତିକ କମିଟି ୨୪ଲକ୍ଷ ୮୦ହଜାର ୮୮୬, ଗୋପପୁର କମିଟି ୧୨ଲକ୍ଷ ୨୯ହଜାର, ରାଜ ଦରବାର ଷ୍ଟେଜ କମିଟି ୧୧ଲକ୍ଷ ୩୦ହଜାର, ରାଜ ଦରବାର ଲାଇଟ୍ ଓ ସାଉଣ୍ଡ ବାବଦକୁ ୮ଲକ୍ଷ, ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ବାବଦକୁ ୧୫ଲକ୍ଷ ୮୮ହଜାର ୫୦୦, ଆର୍ଟିଷ୍ଟ କୋର୍ଡିନେଶନ କମିଟି ୧୨ଲକ୍ଷ ୩୪ହଜାର ୯୦୦, ପ୍ରଚାର ପ୍ରସାର କମିଟି ୮ଲକ୍ଷ ୫ହଜାର, ଫୁଡ୍ ଆଣ୍ଡ ହସ୍ପିଟାଲିଟି କମିଟି ୪ଲକ୍ଷ ୧୭ହଜାର, ଗୋୟଲ ଧର୍ମଶାଳା ୧ଲକ୍ଷ ୫୦ହଜାର, ଜମି ଅଧିଗ୍ରହଣ କମିଟି ୧୫ଲକ୍ଷ ୪୦ହଜାର, ମୁଖ୍ୟ ଗେଟ୍ ପାଇଁ ଖର୍ଚ୍ଚ ୧ଲକ୍ଷ ୫୦ହଜାର ଟଙ୍କା ରହିଛି। ସେହିପରି ରଙ୍ଗ ମହଲ ଷ୍ଟେଜ କମିଟି ୨ଲକ୍ଷ ୩୫ହଜାର, ରଙ୍ଗମହଲ ଷ୍ଟେଜ ଲାଇଟ୍ ଓ ସାଉଣ୍ଡରେ ୩୨ଲକ୍ଷ ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି।

ପ୍ରଦର୍ଶନୀ ପଡ଼ିଆ କାର୍ଯ୍ୟକ୍ରମରେ ୧୨ଲକ୍ଷ ୫୦ହଜାର, ମୁଖ୍ୟ ଲାଇଟ୍‌ରେ ୧୩ଲକ୍ଷ ୭୦ହଜାର, ଲୋକାଲ ଲାଇଟ୍‌ରେ ୧ଲକ୍ଷ ୪୦ହଜାର, ରିସେପ୍ସନ କମିଟି ୨ଲକ୍ଷ ୮୭ହଜାର ୩୦୦, ସ୍ମରଣିକା ବାବଦକୁ ୧ଲକ୍ଷ ୯୫ହଜାର ୧୫୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ବିଭିନ୍ନ ଖର୍ଚ୍ଚ ବାବଦକୁ ଟାଉନ ଥାନା ଆଇଆଇସିଙ୍କୁ ୫ଲକ୍ଷ, ମିଡ଼ିଆ ପର୍ସନଙ୍କୁ ୮୬ହଜାର ୪୬୮, ସର୍କିଟ୍ ହାଉସକୁ ୧୫ହଜାର, ଅଡ଼ିଟରଙ୍କୁ ୧ଲକ୍ଷ ୭୫ହଜାର, ଟିପିଡବ୍ଲୁଓଡ଼ିଏଲକୁ ୨ଲକ୍ଷ ୭୪ହଜାର ୯୦୭ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମହେନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝିଙ୍କ ସମେତ ଧନୁଯାତ୍ରା ମହୋତ୍ସବ ସମିତିର ବିଭିନ୍ନ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

**ଧନୁଯାତ୍ରା କାର୍ଯ୍ୟକାରିଣୀ ବୈଠକ**

- ବୈଠକରେ ଗତବର୍ଷର ଆୟବ୍ୟୟ ସୂଚନା
- ଆଗାମୀ ଧନୁଯାତ୍ରା ପାଇଁ ଆଉ ଏକ ବୈଠକ
- ୨.୨୪କୋଟି ଆୟରୁ ୨.୦୧କୋଟି ବ୍ୟୟ
- ମିଡ଼ିଆ ପର୍ସନ, ପୋଲିସ ବାବଦକୁ ବି ଖର୍ଚ୍ଚ

### ଓପିଏସ୍‌ସିରେ କୃତିତ୍ୱ



ସମୁଦ୍ର ମିଶ୍ର।

**କନ୍ଧମାଳ, ୧୯।୧୦(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ଶଗଡା ପଞ୍ଚାୟତ ଝଗୁଡୁଗାଡିଆ ଗାଁର ସମୁଦ୍ର ମିଶ୍ର ଓପିଏସ୍‌ସି ପରୀକ୍ଷାରେ ୩୩ ନମ୍ବର ର୍‍ୟାଙ୍କରେ ଚୟନ ହୋଇଛନ୍ତି। ବିଜେବି କଲେଜରୁ ଯୁକ୍ତ ୩ ବିଜ୍ଞାନରେ ସେ ପଦାର୍ଥ ବିଜ୍ଞାନ ସମ୍ମାନ ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଗୋଟିଭେସନରେ ସ୍ୱିକର ସୁରଥମିଶ୍ର ଓ ଅନ୍ୱେଷାଙ୍କ ପୁଅ ତାଙ୍କ ପ୍ରାରମ୍ଭିକ ଶିକ୍ଷା ଲିଟିରେ ଫ୍ଲାୱାର ସ୍କୁଲ ସୋନପୁରଠାରେ ଶେଷ କରିଥିଲେ। ମିଶ୍ର ଜଣେ ଶିଶୁ କଳାକାର ଭାବରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶଳାବୁଢା ସିନେମାରେ ଚମତ୍କାର ଅଭିନୟ କରିଛନ୍ତି। ଜଣେ କଳାକାର ଭାବରେ ତାଙ୍କର ଏହି କୃତିତ୍ୱ ପରେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।

## ବରିଷ୍ଠ ନାଗରିକ ସଂଘ ସାଧାରଣ ସଭା

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରମୋଦ ଝାଙ୍କର ସଭାପତିତ୍ୱ କରିଥିଲେ। ସଭାରେ ଆଗାମୀ ବର୍ଷର କାର୍ଯ୍ୟପନ୍ଥା, ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଗାଇସିଲେଟ୍, ପାଇକମାଳ, ଝାରବନ୍ଧ ପରଦର୍ଶନ, ପାରିବାରିକ ବନ୍ଧୁ ମିଳନ, ପୋଲିସ ପରିଚୟପତ୍ର, ମହାସଂଘ ସଭାରେ ଯୋଗଦାନ, ବରଗଡ଼ ଜିଲା କାରାଗାରରେ ସଂସ୍କାରମୂଳକ କାର୍ଯ୍ୟକ୍ରମ ଆୟୋଜନ ଆଦି ଉପରେ ଆଲୋଚନା ହୋଇଥିଲା। ଉପସଭାପତି ବିମଳ କିଶୋର କର, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ, ଉପଦେଷ୍ଟା ଗୌରଚନ୍ଦ୍ର କର, ସୁରେନ୍ଦ୍ର ମୋହନ ଚାନ୍ଦ, ସର୍ଦ୍ଦାର ପ୍ରୀତମ ସିଂ, ଲୋକନାଥ ଆଚାର୍ଯ୍ୟ, ବିମଳ ମିଶ୍ର, ପ୍ରଦୀପ ସାହୁ, ସ୍ୱାଧୀନ ମହାରଣା, ସୁରେଶ ଚନ୍ଦ୍ର ପ୍ରଧାନ, ରୂପେଶ୍ୱର ଦୋରା, ଲମ୍ବୋଦର ମିଶ୍ର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ରେ ପାଇକମାଳ ବ୍ଲକସ୍ତରୀୟ ସୁରଭି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀଗଣ।

ପାଇକମାଳ,୧୯।୧୦(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆସନ୍ତା ୨୨ ତାରିଖରେ ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ତ୍ରିପୁରା ବରିହା, ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ ଯୋଗଦାନ କରି ମହୋତ୍ସବକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ବିଇଓ ବାରିକ ସୂଚନା ଦେଇଛନ୍ତି। ଏଥିସହ ବ୍ଲକର ସମସ୍ତ କ୍ଲଷ୍ଟରରୁ ବକ୍ତୃତା, କୁଇଜ, ବିତର୍କ, ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଓ ଲୋକକଳାକୁ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ମହୋତ୍ସବର ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ସମିତି ସଭ୍ୟ ରସୁଲ ରଙ୍ଗରେଜ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିବେ। ସେହିପରି ଏଥିରେ ବରଗଡ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିକାରୀ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ବାଗ ଜଣାଇଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ହାଇସ୍କୁଲରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଭାବନା ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ଚରଣ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ଭୁକ୍ତା ଜନତା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ, ବ୍ଲକ କ୍ରୀଡ଼ା ସମ୍ପାଦକ ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସୁସ୍ଥ ଶରୀର ଗଠନରେ କ୍ରୀଡ଼ାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। ବ୍ଲକ ଶିକ୍ଷାଧିକାରୀ ସାହୁ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରୁ ମନୋନୀତ ଛାତ୍ରୀଛାତ୍ର ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ଭାଗ ନେବେ ବୋଲି ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କ ସଦସ୍ୟତା ଅଭିଯାନ



ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ଚାଲିଛି।

ବରପାଲି,୧୯।୧୦(ଚିତ୍ତରଞ୍ଜନ ସାହୁ)

ବରପାଲିଠାରେ ଶନିବାର ଭାଜପା ପକ୍ଷରୁ ଜିଲାସ୍ତରୀୟ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଯୋଗ ଦେଇଥିଲେ। ସେ ଗତ ଶୁକ୍ରବାର ଅପରାହ୍ନ ୫ଟାରେ ହେଲିକପ୍ଟର ଯୋଗେ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଅବତରଣ କରିବା ପରେ ତାଙ୍କୁ ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ସମୟରେ ବିଜେପୁର ବିଧାୟକ ସନତ ଗଡତିଆଙ୍କ ସମେତ ଆଗଲପୁର ମଣ୍ଡଳ ସଭାପତି ସୁକଦେବ ପଧାନ, ସତଲମା ମଣ୍ଡଳ ସଭାପତି ଧୀରଜ ପଧାନ, ବାଗବାଡି ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ବାରିକ, ଜିଲା ପରିଷଦ ସଦସ୍ୟ ସଂଯୁକ୍ତା ସାହୁ, ସୁରେନ୍ଦ୍ର ପାତ୍ର, ଅଜିତ ଦାଶ, ମହିଳା ମୋର୍ଚ୍ଚା ସଭାପତି ବନ୍ଦନା ବେହେରା, ଚୁମକୀ ମେହେର, ନଗର ମଣ୍ଡଳ ସମ୍ପାଦକ ଗୁଣନିଧି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶନିବାର ସକାଳ ୯ଟାରେ ସ୍ଥାନୀୟ ଗାନ୍ଧୀ ଛକଠାରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଣ୍ଡା, ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡତିଆ, ଜିଲା ସଭାପତି ଅରୁପା ସାହୁ, ରାଜ୍ୟ କାରିଣୀ ସଦସ୍ୟ ଡି. ମୁରଲୀ କ୍ରୀଷ୍ଣା, ପ୍ରବୀଣ ପାଣିଗ୍ରାହୀ, ମଦନ ଦୀପ, ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁଙ୍କ ସମେତ ବହୁ କର୍ମୀମାନଙ୍କ ଉପସ୍ଥିତିରେ ନୂତନ ସଦସ୍ୟତା ଗ୍ରହଣ କରାଯାଇଥିଲା। ସେହିପରି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହ ଗାନ୍ଧୀ ଛକଠାରୁ ଶ୍ୟାମା ଛକ ଯାଏ ନେତୃବୃନ୍ଦ ପଦଯାତ୍ରାରେ ଯାଇଥିଲେ।

## ସଡ଼କ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼-ସୋହେଲା ରାସ୍ତାର ବିଶିପାଲି ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ବରଗଡ଼ରୁ ସୋହେଲା ପଟକୁ ଯାଉଥିବା ଏକ କାର୍ (ନଂ.ଓଡ଼ି୧୭ଏମ/୧୫୫୧) ଅନ୍ୟ ଏକ ବାଇକ୍ (ନଂ.ଓଡ଼ି୧୭ଏମ/୭୨୦୨)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ବରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର ଦମ୍ପତି ଗୁରୁତର ହୋଇଥିଲେ। ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବରଗଡ଼ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରମିଳା ଧରୁଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତାଙ୍କ ସ୍ୱାମୀ ଅଗସ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭିମ୍‌ସାର୍ ବୁର୍ଲା ସ୍ଥାନାନ୍ତର କରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ ଆଡ୍‌ଭୋକେଟ୍ ଲିପ୍‌ସିତ ମିଶ୍ର ଡାକ୍ତରଖାନାରେ ପହଞ୍ଚି ମୃତାହତଙ୍କ ପରିବାର ଲୋକଙ୍କୁ ସାହାଯ୍ୟ କରିଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ ମୃତାହତଙ୍କ ପୁଅ ଭାସ୍କରଙ୍କ ସହିତ ପ୍ରମିଳାଙ୍କ ଚକ୍ଷୁଦାନ ପାଇଁ ଆଲୋଚନା କରିଥିଲେ। ପୁଅ ସହମତି ପ୍ରକାଶ କଲା ପରେ ଚକ୍ଷୁ ବିଭାଗର କର୍ମଚାରୀ ସୁନୀଲ ସାଙ୍କ ତତ୍ତ୍ୱାବଧାନରେ ମୃତ ମହିଳାଙ୍କ ଚକ୍ଷୁ ସଫଳତାର ସହିତ ସଂଗ୍ରହ କରାଯାଇଥିଲା। ମୃତ ମହିଳାଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରମିଳାଙ୍କ ଚକ୍ଷୁଦାନ ପରେ ଏଭଳି ମହତ୍ କାର୍ଯ୍ୟ ଯୋଗୁ ପରିବାର ଲୋକଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ମୃତ ମହିଳାଙ୍କ ପୁଅ ଚକ୍ଷୁଦାନ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

**ମୃତ ମହିଳାଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ**

## ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସରଣ୍ଡା, ୧୯।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନବନିଯୁକ୍ତ ୩୮ ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତାବିରା ଗୋଷ୍ଠୀ ଶିକ୍ଷା ପରିବାର ତରଫରୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଦଘାଟନୀ ଉତ୍ସବରେ ଅତାବିରା ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଏବିଇଓ କାର୍ତ୍ତିକ ବାଗ, ତପନ କୁମାର ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନି ପଣ୍ଡା ମଞ୍ଚାସୀନ ଥିଲେ। ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂଘ ସଭାପତି ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଗୋଷ୍ଠୀ ଶିକ୍ଷାଧିକାରୀ କୁମ୍ଭାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଗ୍ ବୃତ୍ତିଗତ ନୀତି ସମୂହ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଭାବ ବିନିମୟ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ କରାଯିବା ସହ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସି ତ୍ରିଲୋଚନ ସେଠ, କେଶବ ଛନ୍ଦ, ନନ୍ଦିଘୋଷ ଭୁଏ, କୃତାର୍ଥ ଚନ୍ଦ୍ର ଭୁଏ, ରଶ୍ମିରାଣୀ ନନ୍ଦ, କିଚକ ସୁନା, ନୃପ ଭୋଇ, ଜୟଦେବ ନାଏକ, ରଷ୍ମିଭ ପଣ୍ଡା, ଧରମ ନାଏକ, ସିତାପତି ପ୍ରଧାନ, ରାଜୀବ ବିଶାଳ, ରଞ୍ଜନ ବାଗ, ଭକ୍ତ କେଂହେଇ ଏବଂ ଶିକ୍ଷୟିତ୍ରୀ ଅଳକା ଦାଶ, ଗୋପିକା ସେଠ, ଡୋଲେଶ୍ୱରୀ କୁଅଁର, ଶିକ୍ଷକ ଧର୍ମେନ୍ଦ୍ର ପତି ଏବଂ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ କାଦୋବାହାଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଗଣ।

## ଅଭାବରୁ ଅନ୍ୟକୁ ଟେକିଦେଲେ ଶିଶୁପୁତ୍ର

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

**ଉଦ୍ଧାର କଲା ଜିଲା ଶିଶୁ ସୁରକ୍ଷା ୟୁନିଟ୍**

ବରଗଡ଼ ଜିଲା ସୋହେଲା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଅଭାବ ଅନଟନରୁ ନିଜର ୧୭ ଦିନର ଏକ ଶିଶୁପୁତ୍ରକୁ ଅନ୍ୟ ପରିବାରକୁ ଟେକିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ଶନିବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରିଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସୋହେଲା ଥାନା ଖଇରପାଲି ଗ୍ରାମର ଗଣେଶ ଭୋସାଗରଙ୍କ ୬ ସନ୍ତାନ। ସବାସାନ ସନ୍ତାନଟି ଏକ ଶିଶୁପୁତ୍ର। ଅନ୍ୟପଟେ ଏହି ଥାନା ଅନ୍ତର୍ଗତ ଦୁଆନପାଲି ଗ୍ରାମର ଟିକେଶ୍ୱର ମେହେରଙ୍କ ପୁତ୍ର ସନ୍ତାନ ନାହାନ୍ତି। ଗତ କିଛିଦିନ ତଳେ ଗଣେଶ ତାଙ୍କ ସାନପୁଅକୁ ଟିକେଶ୍ୱରଙ୍କୁ ଦେଇଦେଇଥିଲେ। ଟିକେଶ୍ୱର ମଧ୍ୟ ତାଙ୍କୁ ପୁଅ ଭାବେ ଗ୍ରହଣ କରିଥିଲେ। ତେବେ ଶିଶୁପୁତ୍ରକୁ ଯେଉଁଭଳି ଭାବେ ଗ୍ରହଣ କରାଯାଇଛି ତାହା ଆଇନ ସମ୍ମତ ନୁହେଁ। ଏହି ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ଦୁଆନପାଲି ଗ୍ରାମର ଟିକେଶ୍ୱରଙ୍କ ଘରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏହାସହିତ ଉଭୟ ପରିବାର ଲୋକଙ୍କୁ ଡାକି ପଚରାଉଚୁରା କରିଥିଲେ। ଶିଶୁପୁତ୍ରର ବାପା ଗଣେଶ କହିଛନ୍ତି, ତାଙ୍କର ୫ ପୁଅ ଏବଂ ଜଣେ ଝିଅ। ଅପରପକ୍ଷେ ତାଙ୍କ ପରିଚିତ ଟିକେଶ୍ୱରଙ୍କ ପୁତ୍ର ସନ୍ତାନ ନାହାନ୍ତି। ଅଭାବ ଯୋଗୁ ନିଜ ପରିବାରରେ ସବୁ ଛୁଆଙ୍କ ଯତ୍ନ ଠିକ୍ ଭାବେ ନେଇ ପାରିବେ ନାହିଁ ବୋଲି ସେ ଭାବିଥିଲେ। ଫଳରେ ଉଭୟ ପକ୍ଷଙ୍କ ସହମତି କ୍ରମେ ସେ ଶିଶୁପୁତ୍ରକୁ ଟିକେଶ୍ୱରଙ୍କୁ ଦେଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷେ ତଦନ୍ତ ଚାଲିଛି ଏବଂ କେଉଁ ଉଦ୍ଦେଶ୍ୟରେ ଶିଶୁପୁତ୍ର ଅନ୍ୟ ପରିବାରକୁ ହସ୍ତାନ୍ତର ହୋଇଥିଲା ତଦନ୍ତ ପରେ ତାହା ଜଣାପଡ଼ିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପାତ୍ର କହିଛନ୍ତି।



ଧନୁଯାତ୍ରାକୁ ଅନୁଦାନ ପାଇଁ ପ୍ରମୁଖ ଶାସନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଧନୁଯାତ୍ରାକୁ ୫୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଦାବି

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ୫୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଦେବାକୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଦାବି କରିଛି। ଏ ନେଇ ଶୁକ୍ରବାର ମହାସଂଘ ସଭାପତି ଚୈତନ୍ୟ ପାଇକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନୁରୂପ ଭାବେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସଭାପତି ପାଇକ ଶନିବାର ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ସଚିବ ବିଷ୍ଣୁପଦ ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ତାଙ୍କୁ ମଧ୍ୟ ପୃଥକ୍ ଭାବେ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ଧନୁଯାତ୍ରା ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ଦିଗରେ ପଦକ୍ଷେପ ନେବା ସହିତ ମହୋତ୍ସବକୁ ୫୦ଲକ୍ଷ ଟଙ୍କା ସରକାରୀ ଅନୁଦାନ ଦେବା ପାଇଁ ପାଇକ ପ୍ରମୁଖ ଶାସନ ସଚିବ ସେଠିଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ରାଉରକେଲା,୧୯।୧୦(ସଙ୍ଗୀତା ଜେନା): ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ପାଟ୍ରୋଲିଂ ସମୟରେ ବ୍ରାଉନସୁଗାର ଜବତ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମହତାବ ରୋଡ଼ର ଏମ୍.ଡି. ନଦିମ୍(୩୪)। ତାଙ୍କଠାରୁ ୩.୬୭୦ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦/୨୪) ରୁଜୁ କରିଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ଉକ୍ତ ଡ୍ରଗ୍ସକୁ ସହରର ବିଭିନ୍ନ ଗ୍ରାହକଙ୍କୁ ଯୋଗାଉଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

### ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାମୂହିକ ସେବା

ବନ୍ଧମୁଣ୍ଡା,୧୯।୧୦(ସ୍ୱରୂପ ଡେ): ଗଜଲକ୍ଷ୍ମୀ ପୂଜା ଅବସରରେ ରାଉରକେଲା ରେଳବାଇ କଲୋନି ସ୍ଥିତ ଛୋଟ ପାର୍କ ପରିସରରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାମୂହିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଲକ୍ଷ୍ମୀଙ୍କ ନିକଟରେ ନୈବେଦ୍ୟ ଅର୍ପଣ ପରେ ସେବା କାର୍ଯ୍ୟ ହୋଇଥିଲା। ଏଥିରେ କମିଟି ସଭାପତି ସମରପ୍ରିୟ ତନ୍ତି, ଉପସଭାପତି ସୁଶୀଳ ପାଲ, ସଚିବ ସପନ କୁମାର ମଣ୍ଡଳ, ସହ ସମ୍ପାଦକ ଗୌତମ କୁଣ୍ଡୁ, ରାଜନ ରକ୍ଷିତ, କୋଷାଧ୍ୟକ୍ଷ ଦିନବନ୍ଧୁ ମଣ୍ଡଳ, ଉପଦେଷ୍ଟା ନୟନ ରଞ୍ଜନ ରକ୍ଷିତ, କାଞ୍ଚନ ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ।

### ଚକ୍ଷୁ ପରୀକ୍ଷା କରାଇଲେ ୨ଶହ ଛାତ୍ରୀଛାତ୍ର

ରାଉରକେଲା,୧୯।୧୦(ଦିନେଶ ମିଶ୍ର): ଦି ହ୍ୟୁମ୍ୟାନିଟି ଫାଉଣ୍ଡେଶନ ଓ ସେକ୍ଟର-୧୬ ସ୍ଥିତ ଇସ୍ପାତ ଡିଏଭି ସ୍କୁଲର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ଶନିବାର ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ବର୍ମା ଚକ୍ଷୁ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଡାକ୍ତର ପି. କେ. ବର୍ମା ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଅତିଥି ଭାବେ ଡିଏଭି ସ୍କୁଲର ଅଧ୍ୟକ୍ଷ ଜଶବିନ୍ଦର କୌର ଯୋଗ ଦେଇଥିଲେ। ସମାଜସେବୀ କାର୍ତ୍ତିକ ରାଉତ ଉପସ୍ଥିତ ଥିଲେ। ସରୋଜା ମାମ୍ଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ଦୀପ୍ତି ସୁନ୍ଦରରାୟ, ସମ୍ପାଦକ ଲୀନା ତ୍ରିପାଠୀ, ଉପଦେଷ୍ଟା ଗ୍ରେସି ଡେଭିଡ୍, ସରସ୍ୱତୀ ପାତ୍ର, ଅଶ୍ୱିନୀ କିଷାନ, ବିଜୟ ସୁନ୍ଦରରାୟ, ସସ୍ମିତା ପାତ୍ର, ରଶ୍ମିତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଜମି ଅଧିଗ୍ରହଣ ରାସ୍ତା ନିର୍ମାଣରେ ବାଧକ

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)



ଜାତୀୟ ରାଜପଥ ବିଭାଗ କାର୍ଯ୍ୟାଳୟ।

ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ୍-୩୨୦(ଡି) ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଜମି ମାଲିକମାନଙ୍କୁ ବର୍ଦ୍ଧିତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ନ ଥିବାରୁ ୮୦ ଭାଗ ଜମି ଅଧିଗ୍ରହଣ ହୋଇପାରିନାହିଁ। ଫଳରେ ଏହି ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ଜଣାପଡିଛି। ସୂଚନା ଅନୁସାରେ, ୨୦୨୨ରେ ଏନ୍‌ଏଚ୍-୩୨୦(ଡି) ଜାତୀୟ ରାଜପଥ ନିର୍ମାଣ ପାଇଁ ୮୦ଭାଗ ଜମି ଅଧିଗ୍ରହଣ ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ୬୦ଭାଗ ଜମି ଅଧିଗ୍ରହଣ ହୋଇଥିବା ବେଳେ ଅବଶିଷ୍ଟ ଜମି ଅଧିଗ୍ରହଣ ହୋଇପାରିନାହିଁ। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ପାଖାପାଖି ୨ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨୫କିମି ବିଶିଷ୍ଟ ଦୁଇଥାକିଆ ଏନ୍‌ଏଚ୍-୩୨୦(ଡି) ରାସ୍ତା ନିର୍ମାଣ ପାଇଁ ମୋଟ ୫.୯୮ଏକର ବେସରକାରୀ ଏବଂ ୨୧.୧୪୦ଏକର ସରକାରୀ ଜମି ଅଧିଗ୍ରହଣ ସହିତ ୨୨୨କୋଟି୬୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି ପ୍ରକଳ୍ପ ଯୋଗୁ ମହିପାଣି, ଭାଲୁଲତା, ଜାମମାଲ ଓ ଭୁଲତାବାହାଲ ମୌଜାର ଶହ ଶହ ଲୋକଙ୍କ ରୟତି ଜମି ଓ ଘରଡିହ ଅଧିଗ୍ରହଣ ପାଇଁ ୮୧ଟି ଖତିୟାନରେ ରହିଥିବା ଜମି ମାଲିକ ଓ ତାଙ୍କ ଉତ୍ତରାଧିକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟରାଶି ପ୍ରଦାନ କରିବାକୁ ୨୦୨୨ ଫେବୃୟାରୀ ୭ରେ ଜାତୀୟ ରାଜପଥ ବିଭାଗରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଜମି ମାଲିକମାନଙ୍କୁ ଜମି ବାବଦ କ୍ଷତିପୂରଣ ତା୭।୨।୨୨ରିଖ ସୁଦ୍ଧା ସରକାରୀ ମୂଲ୍ୟ ହିସାବରେ ଏକର ପିଛା ୧୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୨ ଏପ୍ରିଲ ମାସରେ ରାଜ୍ୟରେ ଜମି ମୂଲ୍ୟ ୨ଗୁଣ ବୃଦ୍ଧି ପାଇ ଏକର ପିଛା ୨୫ଲକ୍ଷ ହେଲା। ଫଳରେ ଜମି ମାଲିକମାନେ ଜମିର ବର୍ଦ୍ଧିତ ମୂଲ୍ୟ ଦାବି କରିବା ଯୋଗୁ ଜମି ଅଧିଗ୍ରହଣ ଅଧାରେ ଅଟକିଗଲା। ଅନ୍ୟପଟେ ଜମି ଅଧିଗ୍ରହଣ ପୂର୍ବରୁ ହୋଇଥିବା ସର୍ଭେ ସମୟରେ ଜରେଇକେଲା ସରପଞ୍ଚ ସୁରେଶ ଓରାମ ଏବଂ ସମିତି ସଭ୍ୟ ସୋମନାଥ ରାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଠିକ୍‌ଭାବେ ପ୍ରଦାନ କରିବାକୁ ଉଭୟ ରାଜପଥ ଓ ଭୂ-ଅର୍ଜନ ବିଭାଗକୁ ଅବଗତ କରିଥିଲେ। ଏହାସତ୍ତ୍ୱେ ଜମି ମାଲିକଙ୍କୁ ବର୍ଦ୍ଧିତ କ୍ଷତିପୂରଣ ରାଶି ନ ମିଳିବାରୁ ସେମାନେ ଜମି ଛାଡୁନାହାନ୍ତି। ଏହାଦ୍ୱାରା ଜମି ଅଦ୍ରଗ୍ରହଣ କାର୍ଯ୍ୟ ସମ୍ପନ୍ନ ହୋଇପାରୁନାହିଁ। ବହୁବର୍ଷ ପରେ ପ୍ରଥମ କରି ରାଉରକେଲା ଜାତୀୟ ରାଜପଥ ବିଭାଜନକୁ କାମ ମିଳିଥିବା ବେଳେ ଜମି ଅଧିଗ୍ରହଣ ଅଡୁଆ ଏନ୍‌ଏଚ୍-୩୨୦(ଡି) ନିର୍ମାଣରେ ବାଧକ ସାଜିଛି। ଏ ନେଇ ରାଉରକେଲା ଜାତୀୟ ରାଜପଥ ବିଭାଜନ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଆଲୋକ କୁମାର ନାଏକ କୁହନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୬୦ଭାଗ ଜମି ଅଧିଗ୍ରହଣ ହୋଇସାରିଛି। ୮୦ଭାଗ ଜମି ଅଧିଗ୍ରହଣ ହେବା ପରେ ୟୁପିସି ପ୍ରକ୍ରିୟା ଲାଗୁ ହେବ ଓ କାମ ଆରମ୍ଭ ହେବ। ଏଣୁ ଶୀଘ୍ର କିଭଳି ଉକ୍ତ ଜମି ଅଧିଗ୍ରହଣ ହେବ ସେ ଉପରେ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଥିବା ନାଏକ କହିଥିଲେ।

# ନୃତ୍ୟ, ସଙ୍ଗୀତରେ କୁମାର ଉତ୍ସବ


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)

ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ଆର୍‌ଏସ୍‌ପିର ମିଳିତ ଆନୁକୂଲ୍ୟରେ ରାଉରକେଲା ସିଭିକ୍ ସେଣ୍ଟରରେ କୁମାର ଉତ୍ସବ-୨୦୨୪ ପାଳିତ ହୋଇଯାଇଛି। ଉତ୍ସବରେ ଆର୍‌ଏସ୍‌ପି ମାନବ ସମ୍ବଳ ଏବଂ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଓ ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ, ସାମଗ୍ରୀ ପ୍ରବନ୍ଧନ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର ଓ ନମ୍ରତା ବର୍ମାଙ୍କ ସମେତ ୟୁନିୟନ ଓ ଅଧିକାରୀ ସଂଘର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସାଂସ୍କୃତିକ ସଙ୍ଗଠନର ସଦସ୍ୟ, ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଏବଂ ଓଡିଆ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ। ଉତ୍ସବ ପ୍ରାରମ୍ଭରେ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥି ତୁଳସୀ ଚଉଁରାରେ ପାରମ୍ପରିକ ଓଡିଆ ରୀତିନୀତି ଅନୁଯାୟୀ ଚନ୍ଦ୍ରଙ୍କ ପୂଜାର୍ଚ୍ଚନା କରିଥିଲେ ଏବଂ ଶ୍ରୀ ଜଗନ୍ନାଥଙ୍କଠାରେ ଭକ୍ତି ଅର୍ଘ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣ ତଥା ପ୍ରୋତ୍ସାହନ ପାଇଁ ଭଞ୍ଜ ସାଂସ୍କୃତିକ ନ୍ୟାସର ବଳିଷ୍ଠ ପ୍ରୟାସକୁ ପ୍ରଶଂସା କରିଥିଲେ। ନିମନ୍ତ୍ରିତ ଅତିଥି ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଜିତେନ୍ଦ୍ର ନାରାୟଣ ଦାସ ଓଡିଶୀ ଗୁରୁ ସଙ୍ଗୀତା ଦାଶଙ୍କୁ କୁମାର ଉତ୍ସବ-୨୦୨୪ ସମ୍ମାନରେ ସମ୍ମାନୀତ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭଞ୍ଜ କଳାକେନ୍ଦ୍ରର କଳାକାରମାନଙ୍କ ଦ୍ୱାରା କୁଆଁର ପୁନେଇ ଜହ୍ନ ଗୋ ଲୋକନୃତ୍ୟ ପରିବେଷଣ ହୋଇଥିଲା। ପରେ କଣ୍ଠଶିଳ୍ପୀ ସ୍ୱୟମ ପାଢୀ ଓ ତାଙ୍କ ଦଳଙ୍କ ଦ୍ୱାରା ଓଡିଆ ଓ ଆଧୁନିକ ସଙ୍ଗୀତ ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ପି. କେ. ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଏସ୍‌ଏମ୍ ବିଭାଗର ଏମ୍‌ଓଏମ୍‌ଟି ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ବେଦମନ୍ତ୍ର ଆବୃତ୍ତି କରିଥିଲେ। ଅଗ୍ନିଶମ ସେବା ବିଭାଗର ଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଜୀବନ ବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

**ମଣ୍ଡଳସ୍ତରୀୟ ଅଗ୍ରଦୂତ ସମ୍ମିଳନୀ**

ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ରାଉରକେଲା ସ୍କୁଲରେ ଶନିବାର ସମତା ଜୋନ୍ ଆନୁକୂଲ୍ୟରେ ପ୍ରଥମ ମଣ୍ଡଳସ୍ତରୀୟ ଅଗ୍ରଦୂତ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆଦିଲ୍ଲୀର ଇନ୍‌କମ ଟ୍ୟାକ୍ସ କମିଶନର ସୃଜନୀ ମହାନ୍ତି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅରୁଣ କୁମାର ତ୍ରିପାଠୀ, କଟକରୁ ସ୍ୱରାଜ, ବିକାଶ ଓ ହରି ଭାଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କୁଲର ସଭାପତି ଜ୍ୟୋସ୍ନା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ପାତ୍ର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ରାଜଗାଙ୍ଗପୁର ସ୍ଥିତ ଶ୍ରୀ ଅରବିନ୍ଦ ସ୍କୁଲର ଯୋଗ ଶିକ୍ଷୟିତ୍ରୀ ଶଶିରେଖା ପଟେଲ ଛାତ୍ରୀଛାତ୍ରମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ପରେ ବିଦ୍ୟାର୍ଥୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାକୁ ରସରାଜ ଓ ତାପସ ଭାଇ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ବେହେରା, ବନ୍ଦନା ଦାସ ନୃତ୍ୟ ଗୀତ ପରିବେଷଣରେ ସହଯୋଗ କରିଥିଲେ। ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, କଳ୍ପନା ଚୌଧୁରୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ସୁନ୍ଦରଗଡ, ଝାରସୁଗୁଡା ଓ ଦେବଗଡର ଶ୍ରୀଅରବିନ୍ଦ ସ୍କୁଲଗୁଡିକରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ପାଦକ ଡାକ୍ତର ପ୍ରଶାନ୍ତ ପାତ୍ରଙ୍କ ସମ୍ପାଦିତ ଏକ କ୍ଷୁଦ୍ର ପତ୍ରିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସେକ୍ଟର-୭ ମାର୍କେଟରେ ଗଜଲକ୍ଷ୍ମୀ ପୂଜା

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ସେକ୍ଟର-୭ ମାର୍କେଟ କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଏହି ଅବସରରେ ଭଜନ, କୀର୍ତ୍ତନ ଓ ପାଲା ପରିବେଷଣ କରାଯାଉଛି। ମାର୍କେଟ କମିଟି କାର୍ଯ୍ୟକାରୀ ସଭାପତି ନିଲୁ ବାରିକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୁକ୍ରବାର ମା'ଙ୍କ ପୀଠରେ ପାଲା ପରିବେଷଣ କରାଯାଇଥିଲା। କମିଟିର ଉପଦେଷ୍ଟା ଡା. ସରୋଜ ରାଉତ, ଡା. ଜ୍ଞାନ ରଞ୍ଜନ ଗିରି, ଡା. ଶ୍ରଦ୍ଧାନନ୍ଦ ମହାପାତ୍ର, ପ୍ରସନ୍ନ କୁମାର ତ୍ରିପାଠୀ, କଣ୍ଟୁରି ସାହୁ, ଡା. ଶ୍ରଦ୍ଧାନନ୍ଦ ମହାପାତ୍ର, ପ୍ରବୀଣ କୁମାର ପ୍ରଧାନ, ପ୍ରମୋଦ କୁମାର ବୋଇତି, ପ୍ରଶାନ୍ତ ସେଠୀ, ଉତମ ବାରିକ, କମିଟି ସଭାପତି ନବଘନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ଆମ୍ ଆଦ୍‌ମୀ ପାର୍ଟି ବୈଠକ

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଏମ୍-୨୭ ପାର୍ଟି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆମ୍ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ସଭାପତି ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଣେଇ, ବେଦବ୍ୟାସ, ବିଶ୍ରା, ରଘୁନାଥପାଲୀ, ଉଦିତନଗର ଆଦି ଅଞ୍ଚଳର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ଦଳ କିଭଳି ତୃଣମୂଳ ସ୍ତରରେ ସୁଦୃଢ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସନ୍ତୋଷ ବେହେରା, ଚିନ୍ତାମଣି ମହାନନ୍ଦିଆ, ରମାକାନ୍ତ ନାୟକ, ଲମ୍ବୋଦର ମହାନ୍ତ, ପ୍ରମୋଦ ନାୟକ, ବଳବନ୍ତ ବର୍ମା, ଅମରଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ବସ୍‌ରୁ ନାବାଳିକା ଉଦ୍ଧାର, ପୋଲିସକୁ ହସ୍ତାନ୍ତର

ରାଉରକେଲା,୧୯।୧୦(ସଙ୍ଗୀତା ଜେନା)

ରାଉରକେଲାରୁ ରାୟପୁର ଅଭିମୁଖେ ଯାତ୍ରା କରୁଥିବା ଲକ୍ଷ୍ମୀ ବସ୍‌ରୁ ଶୁକ୍ରବାର ଜଣେ ନାବାଳିକା(୧୫ବର୍ଷ)ଙ୍କୁ ବସ୍‌କର୍ମଚାରୀମାନେ ଉଦ୍ଧାର କରି ରଘୁନାଥପାଲୀ ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଉକ୍ତ ନାବାଳିକାଙ୍କୁ ସଖି-ୱାନ ଷ୍ଟପ୍ ସେଣ୍ଟରରେ ରଖିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାଉରକେଲାରୁ ରାୟପୁର ଯାଉଥିବା ଲକ୍ଷ୍ମୀ ବସ୍ (ନଂ. ସିଜି-୦୬)ରେ ଉକ୍ତ ନାବାଳିକାଙ୍କୁ ପଠାଯାଇଥିଲା। ହେଲେ ରାଜଗାଙ୍ଗପୁର ସ୍କାନ୍ ଷ୍ଟିଲ୍ ନିକଟରେ କୁଆଡେ ଉକ୍ତ ନାବାଳିକା 'ସେ ରାୟପୁର ଯିବେ ନାହିଁ, ତାଙ୍କୁ ଘରକୁ ଯିବାର ଅଛି' ବୋଲି କଣ୍ଡକ୍ଟରଙ୍କୁ କହିଥିଲେ। କଣ୍ଡକ୍ଟର ଏହି ଟିକେଟ୍ ବୁକିଂ କରିଥିବା ବ୍ୟକ୍ତିଙ୍କୁ ଫୋନ୍ ଯୋଗେ ସୂଚନା ଦେଇଥିଲେ। ତେବେ ନାବାଳିକାଙ୍କୁ ବସ୍‌ରେ ରାଉରକେଲା ପୁନଃ ପଠାଇବାକୁ ଉକ୍ତ ବ୍ୟକ୍ତି ଜଣଙ୍କ କଣ୍ଡକ୍ଟରଙ୍କୁ କହିଥିଲେ। ଏଥିରେ ସନ୍ଦେହ ହେବାରୁ ଲକ୍ଷ୍ମୀ ବସ୍‌ର କର୍ମଚାରୀମାନେ ଉକ୍ତ ନାବାଳିକାଙ୍କୁ ରାଜଗାଙ୍ଗପୁରରୁ ରାଉରକେଲାକୁ ଆସୁଥିବା ମୋ ବସ୍‌ରେ ବସାଇ କର୍ମଚାରୀଙ୍କୁ ସବୁ ବିଷୟ କହିଥିଲେ। ସନ୍ଧ୍ୟାରେ ମୋ ବସ୍ କର୍ମଚାରୀ ଉକ୍ତ ନାବାଳିକାଙ୍କୁ ଆଣି ରଘୁନାଥପାଲୀ ଥାନାକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି, ବୋଧ ହୁଏ ନାବାଳିକା ବାଟବଣା ହୋଇ ରାଉରକେଲା ପଳାଇ ଆସିଛନ୍ତି। ତାଙ୍କୁ ସଖି ସେଣ୍ଟରରେ ରଖାଯାଇଛି। ତାଙ୍କ ଅଭିଭାବକ ଆସିଲେ ନାବାଳିକାଙ୍କୁ ତାଙ୍କ ସହ ଘରକୁ ପଠାଯିବ ବୋଲି ସ୍ୱାଇଁ କହିଥିଲେ। ଉକ୍ତ ନାବାଳିକାଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜନ ପାଇଁ ରାୟପୁର ପଠାଯାଉଥିବା ଆଲୋଚନା ହେଉଛି।

# ଇସ୍କନ୍ ପକ୍ଷରୁ ନଗର ସଂକୀର୍ତ୍ତନ

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ମନ୍ଦିର କମିଟି ପକ୍ଷରୁ ସାମୁହିକ ନଗର ସଂକୀର୍ତ୍ତନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଇସ୍କନର ପ୍ରମୁଖ ସେବାଧାରୀ ଶ୍ରୀରାମ ପ୍ରଭୁଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ଶ୍ରୀରାଧାକୃଷ୍ଣଙ୍କୁ ସକାଳ ଧୂପ ଓ ବାଲ୍ୟନୀତି ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଏସ୍‌ଟିଆଇ ଛକରୁ ଏକ ସଙ୍କୀର୍ତ୍ତନ ମଣ୍ଡଳୀ ବାହାରି ରାଉରକେଲା ମେନ୍‌ରୋଡ ହୋଇ ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରେ ପହଞ୍ଚିଥିଲା। ଏହି ସଂକୀର୍ତ୍ତନ ମଣ୍ଡଳୀରେ ଇସ୍କନ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସଂକୀର୍ତ୍ତନରେ ଇସ୍କନର ଗୌରାଙ୍ଗ ଦାସ, ବାବୁଲି ପ୍ରଧାନ, ଲକ୍ଷ୍ମୀ ମହାରଣା, ଯଶମତୀ ସାହୁ, ଗୋପାଳ ଦାସ, ଦୋଳଗୋବିନ୍ଦ ସାହୁ, ମମତାରାଣୀ ମିଶ୍ର ପ୍ରମୁଖ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଟ୍ରାଫିକ୍ ଜାମ୍‌ରେ ହନ୍ତସନ୍ତ ଯାତ୍ରୀ

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)

**ଡେଲିମାର୍କେଟ-ପାନପୋଷ ମୁଖ୍ୟମାର୍ଗରେ ଅବୈଧ ପାର୍କିଂ**



ରାଉରକେଲା ଉନ୍ନୟନ ବିଭାଗ ଅଧୀନ ଡେଲି ମାର୍କେଟ-ପାନପୋଷ ୧୦ କି.ମି. ରାସ୍ତାରେ ଅବୈଧ ପାର୍କିଂ ଯୋଗୁ ଦୈନନ୍ଦିନ ଜୀବନଯାତ୍ରା ଦୁର୍ବିସହ ହୋଇପଡୁଛି। ଏହି ରାସ୍ତାରେ ସହରର ଡେଲିମାର୍କେଟ ଛକ, ଉଦିତ ନଗର ଛକ, ଏସ୍‌ଟିଆଇ ଛକ, ଆଇଟିଆଇ ଛକ, ପାନପୋଷ ଛକ ଓ ସିଟିଆଇ ଭଳି ମୁଖ୍ୟ ମାର୍କେଟ ଛକ ରହିଛି। ଏଥିସହ ସରକାରୀ ସ୍ୱୟଂଶାସିତ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଜେଏମ୍‌ଏଫ୍‌ସି କୋର୍ଟ, ନିୟୋଜନ, ଜିଏସ୍‌ଟି ଅଫିସ, ରାଉରକେଲା ସରକାରୀ ଡାକ୍ତରଖାନା, ଏସ୍‌ପି ଅଫିସ, ପରିବହନ, ଶ୍ରମ କାର୍ଯ୍ୟାଳୟ, ଉଦ୍ୟୋଗ ଶିଳ୍ପକେନ୍ଦ୍ର ଏବଂ ରଘୁନାଥପାଲ୍ଲୀ ଥାନା ଆଦି ରହିଛି। ଫଳରେ ସହରର ୭୦ଭାଗ ଲୋକ ଓ ରାଉରକେଲା, ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଓ ଗ୍ରାମପଞ୍ଚାୟତ ଅଞ୍ଚଳ ଲୋକମାନେ ଏହି ରାସ୍ତାରେ ଦୈନିକ ଯାତାୟାତ କରୁଛନ୍ତି। ମାତ୍ର ରାସ୍ତାରେ ହେଉଥିବା ଅବୈଧ ଯାନବାହନ ପାର୍କିଂ ଯୋଗୁ ସର୍ବଦା ଟ୍ରାଫିକ ଜାମ୍ ହେଉଛି। ୧କି.ମି. ବାଟ ଯିବାକୁ ଘଣ୍ଟା ଘଣ୍ଟା ଧରି ଅଟକିବାକୁ ପଡୁଛି। ଏମିତିକି ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ୍ୟପ୍ରଭାବିତ ହେଉଛି। ଅନ୍ୟପକ୍ଷେ ଟ୍ରାଫିକ୍ କର୍ମଚାରୀ ଅଭାବ ଯୋଗୁ ଏଠାରେ ଟ୍ରାଫିକ୍ ସମସ୍ୟା ସମାଧାନ ହୋଇ ପାରୁ ନ ଥିବା କୁହାଯାଉଛି।

ଡେଲି ମାର୍କେଟ-ପାନପୋଷ ରାସ୍ତାରେ ସକାଳ ୬ଟା ପରେ ୪ଚକିଆ ଏବଂ ୨ଚକିଆ ଯାନବାହନ ପାର୍କିଂ କରାଯାଉଛି। ଫଳରେ ରାସ୍ତାରେ ଅସମ୍ଭାଳ ଟ୍ରାଫିକ ଜାମ୍ ହୋଇ ରାସ୍ତା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହୋଇପଡୁଛି। ପରିବହନ ବିଭାଗ କହିବା ଅନୁସାରେ ଜାତୀୟ ଓ ରାଜ୍ୟ ରାଜପଥରେ ଅବୈଧ ପାର୍କିଂ ହଟାଇବା ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ବୀରମିତ୍ରପୁରରୁ କୋଇଡା ୫୨୦ ନମ୍ବର ଏନ୍‌ଏଚ୍ ଓ ବେଦବ୍ୟାସରୁ ପୋଲିସ ଆଉଟପୋଷ୍ଟ ୧୦କି.ମି. ଏସ୍‌ଏଚ୍‌ରେ ମାସକ ମଧ୍ୟରେ ଅବୈଧ ପାର୍କିଂ ଉପରେ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ଏନ୍‌ଏଚ୍‌ରେ ଅବୈଧ ପାର୍କିଂ ନେଇ ଶହ ଶହ ଭିସିଆର ମାମଲା ରୁଜୁ ହୋଇଛି। ଏଥିସହ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରୁ ପାର୍କିଂ ନିୟନ୍ତ୍ରଣ ପାଇଁ ୭ଟି ପାର୍କିଂ ଟର୍ମିନାଲ ନିର୍ମାଣ କରାଯାଇଛି। ମାତ୍ର ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା ଆରଡିଏ ଅଧୀନରେ ଥିବାବେଳେ ରାସ୍ତାରେ ଯାନବାହନ ରଖିବା ପାଇଁ ଏପର୍ଯ୍ୟନ୍ତ ଆବଶ୍ୟକ ପାର୍କିଂ ଟର୍ମିନାଲ ନିର୍ମାଣ ହେଉନାହିଁ। ଅନ୍ୟପଟେ ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଫଳରେ ୭ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହରରେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ ଦୁଃସାଧ୍ୟ ହେଉଛି। ସହରରେ ଦିନକୁ ଦିନ ଯାନବାହାନ ସଂଖ୍ୟା ବୃଦ୍ଧି ପାଉଛି । ମାତ୍ର ଆବଶ୍ୟକ ମୁତାବକ ଟ୍ରାଫିକ ବ୍ୟବସ୍ଥା ଏଯାଏ ଉପଲବ୍ଧ ହୋଇ ପାରିନାହିଁ। ଏଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତ ସିଂ ରାୟ କୁହନ୍ତି, ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତାରେ ପାର୍କିଂ ଜନିତ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଆବଶ୍ୟକ ଭିତ୍ତିଭୂମି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ରାସ୍ତାର ପାର୍କିଂ ଟର୍ମିନାଲ କାର୍ଯ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ରହିଛି ବୋଲି ସେ କହିଥିଲେ।

# ଭାଗନେଲେ ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି

ରାଉରକେଲା,୧୯।୧୦(ସଙ୍ଗୀତା ଜେନା)



ପ୍ରତିଯୋଗିତାରେ ଭାଗ ନେଇଥିବା ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ର।

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଦିଲୀପ ତିର୍କୀ ଷ୍ଟାଡିୟମରେ ଶୁକ୍ରବାର ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, କ୍ରୀଡ଼ାରେ ଜିତିବା ବା ହାରିବା ପ୍ରମୁଖ ବିଷୟ ନୁହେଁ। ଏହା ବିଷୟରେ ଚିନ୍ତା କରିବା, ଉନ୍ନତି ଆଣିବା ଏବଂ ଶକ୍ତିଶାଳୀ ହୋଇ ଫେରିବା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ସେ କହିଥିଲେ। ସେହିପରି ରାଉରକେଲା କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ଆଇଟି ରାଉରକେଲା ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା ପ୍ରତିଯୋଗୀମାନଙ୍କୁ ପ୍ରେରଣା ଦେଇ ଫିଟ୍ ରହିବା ସହିତ କ୍ରୀଡ଼ାରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ଟୁର୍ନାମେଣ୍ଟ ପର୍ଯ୍ୟବେକ୍ଷକ ତଥା ଏନ୍‌ଆଇଟି ଜଳନ୍ଧର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ସାକ୍)ର ଅଧିକାରୀ ବିଜୟ କେ. ମିଶ୍ର ଆୟୋଜକ ଏନ୍‌ଆଇଟିକୁ ବିଭିନ୍ନ ସେବା ଓ ବ୍ୟବସ୍ଥା ପାଇଁ ପ୍ରଶଂସା କରିଥିଲେ। ଏନ୍‌ଆଇଟି (ସାକ୍) ସଭାପତି ପ୍ରଫେସର ରାଜୀବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ଷ୍ଟାଡ଼ିୟମ୍‌ରେ ସୁବନ୍ଦୋବସ୍ତ କରିଥିବାରୁ ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ଟୁର୍ନାମେଣ୍ଟର ଆବାହକ ପ୍ରଫେସର ଏମ୍‌ଡ଼ି ଖାଲିଦ୍ ଗୁଲ ଧନ୍ୟବାଦ ଅର୍ପଣ କରଥିଲେ। ସୂଚନାଯୋଗ୍ୟ, ସର୍ବଭାରତୀୟ ସ୍ତରରେ

**ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା**

ମୋଟ ୩୧ଟିରୁ ଭୋପାଳ, ଅଗରତାଲା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, କାଲିକଟ, ଦିଲ୍ଲୀ, ଦୁର୍ଗାପୁର, ହମିରପୁର, ଜାମସେଦପୁର, ପାଟନା, ପୁଡୁଚେରୀ ସମେତ ୨୬ଟି ଏନ୍‌ଆଇଟିର ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଫୁଟ୍‌ବଲ (ପୁରୁଷବର୍ଗ) ଓ ଲନ୍ ଟେନିସ୍ (ପୁରୁଷ ଓ ମହିଳା) ଭଳି ୨ଟି ପ୍ରମୁଖ କ୍ରୀଡ଼ା ବିଭାଗରେ ୬ଶହରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ୍, ଇସ୍ପାତ ଷ୍ଟାଡିୟମ ଓ ଦିଲୀପ ତିର୍କୀ ଷ୍ଟାଡିୟମରେ ଏହି ଫୁଟବଲ ମ୍ୟାଚ୍ ହେଉଛି। ସେହିପରି ଲନ୍ ଟେନିସ୍ ଆୟୋଜନ ଏନ୍‌ଆଇଟି ରାଉରକେଲାରେ ଥିବା ପିଟି ଉଷା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ହେଉଛି। ଆସନ୍ତା ୨୦ତାରିଖରେ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍‌ରେ ଏହାର ସମାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଧାନ ଫସଲରେ ଚକଡ଼ା, ଚିନ୍ତାରେ ଚାଷୀ

ନାକଟୀଦେଉଳ,୧୯।୧୦(ବୈକୁଣ୍ଠନାଥ ସାହୁ)

ବହୁକଷ୍ଟରେ ଚଳିତ ଖରିଫ ଧାନ ଫସଲ ଉଠିଆ କରିଥିଲା ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅଞ୍ଚଳର ଚାଷୀ। ଫସଲ ଭଲ ବି ହୋଇଥିଲା। ହେଲେ ଗର୍ଭ ଅବସ୍ଥାରେ ଥିବା ଧାନ ଚକଡା(ମାଟିଆଗୁଣ୍ଡି ପୋକ) ରୋଗ ପ୍ରଭାବିତ ହେବା ପରେ ଏହି ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢିଯାଇଛି। ବିଶେଷ କରି ବ୍ଲକ ଅନ୍ତର୍ଗତ କିସିଣ୍ଡା ଏବଂ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଏହି ରୋଗର ସର୍ବାଧିକ ପ୍ରଭାବ ଦେଖାଦେଇଛି। ଦିନକୁ ଦିନ ଏକର ଏକର ଚାଷଜମି ଚକଡା ଦ୍ୱାରା ପ୍ରଭାବିତ ହେଉଥିବାରୁ ଚାଷୀମାନେ ଆଶଙ୍କିତ ହୋଇ ପଡିଛନ୍ତି। ଏହି ସଙ୍କଟ ସମୟରେ ବ୍ଲକ କୃଷି ବିଭାଗ ଆନୁସଙ୍ଗିକ ସହାୟତା ଓ ବୈଷୟିକ ପରାମର୍ଶ ଦେଉ ନ ଥିବା ଅଭିଯୋଗ ହୋଇଛି।

ଅଣଜଳସେଚିତ ନାକଟୀଦେଉଳ ବ୍ଲକ ଅଞ୍ଚଳର ଚାଷୀମାନେ ବର୍ଷା ପାଣିକୁ ଭରସା କରି ଚାଷ କରିଥାନ୍ତି । ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ମଧ୍ୟରେ କିସିଣ୍ଡା ଏବଂ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଯେଉଁ କିଛି ଜମିରେ ଧାନ ଚାଷ ହୋଇଥିଲା ସେଥିରୁ ଅଧିକାଂଶରେ ଏବେ ଚକଡ଼ା ରୋଗ ଦେଖାଦେଲାଣି। ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର କାଞ୍ଚନପୁର, ପାଣିଗ୍ରାହୀପାଲି, ବୁରୁବୁଡ଼ା, ଗୌଡ଼ପାଲି, ଗିରିଶ୍ଚନ୍ଦ୍ରପୁର ଏବଂ କିସିଣ୍ଡା ପଞ୍ଚାୟତର ଖନ୍ଦିବାହାଲ, ଫଟାମୁଣ୍ଡା, କିସିଣ୍ଡା, ଲୁଇସିଂ ଆଦି ଗ୍ରାମର


ଚକଡ଼ା ପ୍ରଭାବିତ ଧାନକ୍ଷେତ।

ଚାଷୀଙ୍କ ଧାନ ଫସଲ ଚକଡ଼ା ରୋଗ ଲାଗିଥିବା ଅଭିଯୋଗ ହୋଇଛି। ଧାନ କିଆରିର କିଛି ଭାଗର ଧାନଗଛ ପୋଡିଲା ପରି ହୋଇଯାଉଛି। ଏଥିଯୋଗ ସମବାୟ ବ୍ୟାଙ୍କ ଓ ଘରୋଇସ୍ତରରୁ ଧାରଉଧାର କରି ଚାଷରେ ବିନିଯୋଗ କରିଥିବା ଚାଷୀ ବର୍ତ୍ତମାନ ହତାଶ ହୋଇ ପଡିଛନ୍ତି। ଏହି ଦୁଇ ପଞ୍ଚାୟତର ଚାଷୀମାନେ କୃଷି ବିଭାଗକୁ ଅବଗତ କରିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଏହି ଦୁଇ ପଞ୍ଚାୟତ ଦାୟିତ୍ୱରେ ଥିବା କୃଷି ପରିଦର୍ଶିକା ଅଞ୍ଚଳକୁ ନିୟମିତ ଯାଉ ନ ଥିବାରୁ ଚାଷୀମାନେ କୃଷି ବିଭାର ପରାମର୍ଶ ଠିକ୍‌ଭାବେ ପାଇ ପାରୁ ନାହାନ୍ତି। ଏହି ପରିସ୍ଥିତିରେ ରୋଗପୋକ ଦମନ ପାଇଁ ଚାଷୀମାନଙ୍କୁ

**■ ଚାଷୀଙ୍କ ଅଭିଯୋଗର ପଦକ୍ଷେପ ନେଉନି କୃଷି ବିଭାଗ**

**■ ଚାଷୀଙ୍କୁ ସଚେତନ କରାଯାଉଛି: ବ୍ଲକ କୃଷି ଅଧିକାରୀ**

ମାଗଣା କୀଟନାଶକ ଯୋଗାଣ ସହ କୃଷି ବିଭାଗ ଗାଁ ଗାଁ ଯାଇ ପରାମର୍ଶ ଦେବାକୁ ଚାଷୀ ନେତା ତଥା ଖନ୍ଦିବାହାଳ ଗ୍ରାମର ଚାଷୀ କାହ୍ନୁ ଚରଣ ମାଝୀ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରାୟ ୫୦ଏକରରୁ ଅଧିକ ଜମିରେ ଚକଡ଼ା ଲାଗିଥିବା ବେଳେ କୃଷି ବିଭାଗ କୌଣସି ପଦକ୍ଷେପ ନେଉ ନାହିଁ ବୋଲି ଗିରିଶ୍ଚନ୍ଦ୍ରପୁର କୃଷକ ସଙ୍ଗଠନ ସମ୍ପାଦକ ସରୋଜ ବିଶି ଅଭିଯୋଗ କରିଛନ୍ତି। ତେଣୁ କୃଷି ବିଭାଗ ଏହାର ଅନୁଧ୍ୟାନ କରି ଚକଡ଼ା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ମଧୁମତୀ ମୁର୍ମୁଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶକମାନେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କ ସହିତ ଆଲୋଚନା କରୁଛନ୍ତି। ଚକଡ଼ା ରୋଗ ଦାଉରୁ ଚାଷଜମିକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ସଚେତନ କରାଇବା ସହ ପରାମର୍ଶ ଦେଉଛନ୍ତି। ଚାଷୀଙ୍କୁ ସ୍ପ୍ରେ ମେଶିନ ସହିତ ରିହାତି ମୂଲ୍ୟରେ କୀଟନାଶକ ଯୋଗାଇ ଦିଆଯାଉଥିବା କହିଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ୧୪,୧୭ ବର୍ଷ ବର୍ଗର ଖେଳକୁଦ

କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ମନୋହର ସରକାରୀ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷ ବର୍ଗର ଉଭୟ ବାଳିକା ଓ ବାଳକମାନଙ୍କ ଖେଳକୁଦ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, କୁନ୍ତରା ସରପଞ୍ଚ ସୁନିତା କିଷାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଲକ୍ଷ୍ମଣ ଦେହୁରୀ, କୁଟୁରାଚୁଆଁ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମନୋହର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୧୪ବର୍ଷ ବର୍ଗର ଦୌଡ ଓ ୧୭ବର୍ଷ ବର୍ଗର କ୍ରିକେଟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତା ପରିଚାଳନାରେ ବ୍ଲକ କ୍ରୀଡା ସମ୍ପାଦକ ଶ୍ରୀକାନ୍ତ ପଟେଲ, ହିମାଂଶୁ ପଟେଲ, ପ୍ରଦୀପ ପଟେଲ, ଚନ୍ଦନ ମାକର, ଟିକେଶ୍ୱର ମାଝୀ, ସୌଭାଗ୍ୟ ନାୟକ, ଜେହେରୁଲାଲ ପଟେଲ, ଧିରେନ୍ଦ୍ର ପଟେଲ, ପୁରୁଷୋତ୍ତମ ପାତ୍ର, ମିର୍ଜା ସାକିରୁଦ୍ଦିନ, ଇନ୍ଦିରା ଦାସ, ପ୍ରତିମା ନାୟକ, ପ୍ରତିଭା ନାୟକ, ସୌଭାଗ୍ୟ ପଟେଲ, ପତିତପାବନ ଜେନା, ଦୁର୍ଲ୍ଲଭ ପଟେଲ ସହଯୋଗ କରିଥିଲେ। ଏଥିରେ ମୋଟ ୪୮ ଜଣ ବାଳିକା ଓ ୭୨ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉନ୍ମୋଚନ କରାଯାଇଥିଲା।

# ୩ ଗିରଫ, ଅପହରଣରେ ବ୍ୟବହୃତ କାର୍ ଜବତ

କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଶା)

**ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ ଘଟଣା**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଅପହରଣ ପରେ ମଦ ପିଆଇ ଅସଦାଚରଣ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କୁଚିଣ୍ଡା ଏନଏସି ୱାର୍ଡ ନଂ.୫ ବଡପଡାର କାହ୍ନା ଛତ୍ରିଆ(୧୮), ମୁକେଶ ବାଘ ଓରଫ କାହ୍ନା(୨୪)ଓ ସନ୍ତୋଷ ମୁଣ୍ଡା(୨୮)। ଅପହରଣରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି। ଘଟଣାର ଅଧିକ ତଦନ୍ତ କରାଯାଉଥିବା କୁଚିଣ୍ଡା ଥାନା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ମଙ୍ଗଳବାର ପଞ୍ଚମୁଖୀ ଛକରେ ହେଉଥିବା କରମା ପୂଜା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧ଟା୩୦ରେ ପୂଜାସ୍ଥଳରୁ କାହ୍ନା ଛତ୍ରିଆ ତାଙ୍କୁ ବାଧକରି ଏକ କାର୍ (ନଂ.ଓଡି ୩୧-୦୮୮୮)ରେ ବସାଇ କୁଆଡେ ନେଇ ଯାଇଥିଲେ। କାର ଭିତରେ ତାଙ୍କୁ ଜବରଦସ୍ତ ମଦ ପିଆଇ ଅସଦାଚରଣ କରିଥିଲେ। ଭୋର ପ୍ରାୟ ୪ଟାରେ ପୀଡିତାଙ୍କୁ ପୁଣି ପଞ୍ଚମୁଖୀ ଛକ ନିକଟସ୍ଥ ହନୁମାନ ମନ୍ଦିର ପାଖରେ ଛାଡି ଦେଇ ପଳାଇଥିବା ପୀଡିତା ବୁଧବାର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ବିଏନ୍‌ଏସ ୧୩୭(୨)/୭୪/୩(୫)/୧୨ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୪୨୯/୨୪)ରୁଜୁ ହୋଇଛି। ଶନିବାର ଗିରଫ ୩ ଅଭିଯୁକ୍ତ ଓ ପୀଡିତାଙ୍କର କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ସମ୍ବଲପୁର ପୋକ୍‌ସୋ ବିଚାରପତିଙ୍କ ସମ୍ମୁଖରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। କୁଚିଣ୍ଡାରେ ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଥିରେ ସମ୍ପୃକ୍ତ ଆଉ କେତେଜଣ ଯୁବକଙ୍କୁ ପୋଲିସ ଜାଣିଶୁଣି ଗିରଫ କରୁ ନ ଥିବା ପୀଡିତାଙ୍କ ବାପା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପଞ୍ଚମୁଖୀ ଛକରେ ୩/୪ଟି ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ପୋଲିସ ତାକୁ ଯାଞ୍ଚ କରୁନାହିଁ। ତାଙ୍କ ଝିଅ ମଦନିଶାରେ ଚେତାଶୂନ୍ୟ ହୋଇଯିବାରୁ ତାଙ୍କ ସହ କ'ଣ ଘଟିଲା ସେ ଜାଣି ନ ଥିବା କହିଛନ୍ତି। ଚେତା ଫେରିବାରୁ ତାଙ୍କୁ ପୁଣି କାର୍‌ରେ ଆଣି ପଞ୍ଚମୁଖୀ ଛକ ନିକଟସ୍ଥ ହନୁମାନ ମନ୍ଦିରରେ ଛାଡି ଦିଆଯାଇଥିବା ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ହୋଇଥିଲେ ହେଁ ପୋଲିସ ଏହାର ଠିକ୍ ତଦନ୍ତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି।

# ଜିଲାସ୍ତରକୁ ୨୧ପ୍ରତିଯୋଗୀ ମନୋନୀତ



କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ନାକଟୀଦେଉଳ,୧୯।୧୦(ବୈକୁଣ୍ଠନାଥ ସାହୁ)

**ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ବ୍ଲକର ୧୬ଟି ଉଚ୍ଚ ବିଦ୍ୟାଳୟର ୧୩୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ବର୍ଗରେ ଏହି ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏଥିରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ, ସଟପୁଟ ଥ୍ରୋ, ଜାଭଲିନ ଥ୍ରୋ ଏବଂ ଡ଼ିସକସ ଥ୍ରୋ ପ୍ରତିଯୋଗୀତା ହୋଇଥିଲା। ଏହି ୨ଟି ବର୍ଗର ପ୍ରତ୍ୟେକ ବିଭାଗର ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୧ଜଣ ପ୍ରତିଯୋଗୀ ଆସନ୍ତା ୨୨ତାରିଖରେ ରେଢାଖୋଲଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛନ୍ତି। କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ କିସିଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ରୀନାରାଣୀ ନାଏକ, ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୀରାଲାଲ ଧଳ, ଡ଼ଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଦର୍ଶନୀ ଷଣ୍ଢ, କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଅତୁଲ୍ୟ ପ୍ରସାଦ ରାଉଳ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ରୁକ୍ମିଣୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗିରିଶ୍ଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନଭେମ୍ବର ୧୦ରୁ ପାୱାର ଚ୍ୟାନେଲରେ ଜଳପ୍ରବାହ ବନ୍ଦ ରହିବ

**ଚିପିଲିମା ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ମରାମତି ହେବ**

ସମ୍ବଲପୁର,୧୯।୧୦ (ଭବାନୀ ଶଙ୍କର ଭୋଇ)

ଚିପିଲିମା ଜଳ ବିଦ୍ୟୁତ କେନ୍ଦ୍ରର ମରାମତି କାର୍ଯ୍ୟ ପାଇଁ ନଭେମ୍ବର ୧୦ ରୁ ଡ଼ିସେମ୍ବର ୨୦ ପର୍ଯ୍ୟନ୍ତ ହୀରାକୁଦ ବନ୍ଧଠାରୁ ଚିପିଲିମା ଜଳ ବିଦ୍ୟୁତ କେନ୍ଦ୍ର ପର୍ଯ୍ୟନ୍ତ ପାୱାର ଚ୍ୟାନେଲରେ ଜଳ ପ୍ରବାହ ବନ୍ଦ ରହିବ। ତେବେ ଏହି ସମୟ ମଧ୍ୟରେ ଯେ କୌଣସି ସମୟରେ ଅଟୋ ସାଇଫନରେ ଜଳ ନିଷ୍କାସନ ହୋଇପାରେ। ଜଳପ୍ରବାହ ବନ୍ଦ ଜନିତ ଅସୁବିଧା ପାଇଁ ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ଼ର କର୍ତ୍ତୃପକ୍ଷ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ମରାମତି କାର୍ଯ୍ୟ ଶେଷ ହେବାପରେ ଡ଼ିସେମ୍ବର ୨୧ ସକାଳ ୬ଟା କିମ୍ବା ପରବର୍ତ୍ତୀ ଯେ କୌଣସି ସମୟରେ ହେଡ ରେଗୁଲେଟରଠାରୁ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ର ପର୍ଯ୍ୟନ୍ତ ପାୱାର ଚ୍ୟାନେଲ ମଧ୍ୟକୁ ପାଣି ଛଡାଯିବ । ତେଣୁ ଆସନ୍ତା ଡିସେମ୍ବର ୨୧ ସକାଳ ୬ଟା ପରେ ପାୱାର ଚ୍ୟାନେଲକୁ ପ୍ରବେଶ ନ କରିବା ପାଇଁ ଜନସାଧରଣଙ୍କୁ ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଓପିଏସ୍‌ସି: ୩୫୨ ର୍‍ୟାଙ୍କରେ ରୋସ୍‌ନୀ

ସମ୍ବଲପୁର,୧୯।୧୦(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ପ୍ରଶାସନିକ ସେବା ପାଇଁ ଅନୁଷ୍ଠିତ ହୋଇଥିବା ଓପିଏସ୍‌ସି ପରୀକ୍ଷାଫଳ ଶନିବାର ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁର ସାକ୍ଷୀପଡ଼ାର ରୋସନୀରାଣୀ ଖମାରୀ ୩୫୨ ର୍‍ୟାଙ୍କରେ ରହି ସଫଳତା ହାସଲ କରିଛନ୍ତି। ପ୍ରଥମ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଛନ୍ତି। ସେ ଡିଏଭିରୁ ଯୁକ୍ତ ୨ ପାସ୍ କରିବା ପରେ ପୁଣେସ୍ଥିତ ଆଇଜରରେ ପଢିଥିଲେ। ରୋସନୀ କିଛି ମାସ ଆମେରିକାରେ ମଧ୍ୟ କାର୍ଯ୍ୟ କରିଥିଲେ। କରୋନା ସମୟରେ ଅଜାଙ୍କ ମୃତ୍ୟୁ ପରେ ସେ ଓଡିଶାକୁ ଫେରି ଆସିଥିଲେ। ଏହାପରେ ସେ ଆଉ ବିଦେଶକୁ ଯାଇ ସେବା କରିବା ଅପେକ୍ଷା ନିଜ ରାଜ୍ୟରେ ରହି ନିଜ ଲୋକଙ୍କ ସେବା କରିବାକୁ ମନସ୍ଥ କରିଥିଲେ। ଅନଲାଇନରେ ପାଠପଢି ଓଡ଼ିଶା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ରୋସନୀ ପିଲାଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ। ଜଣେ ଚିତ୍ରଶିଳ୍ପୀ ଭାବେ ତାଙ୍କର ପରିଚିତି ରହିଛି। ଓପିଏସସିରେ ସଫଳତା ପାଇଁ ରୋସନୀ ତାଙ୍କ ମା'ବାପାଙ୍କୁ ଶ୍ରେୟ ଦେଇଛନ୍ତି। ରୋସନୀଙ୍କ ବାପା କୃପାସିନ୍ଧୁ ଖମାରୀ ବନବିଭାଗର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ବେଳେ ମା' ରଞ୍ଜନୀ ପ୍ରଧାନ ଗୃହିଣୀ। ରୋସନୀଙ୍କ ସଫଳତା ଖବର ପାଇବା ପରେ ସମ୍ବଲପୁର କୁଲତା ସମାଜ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।


ରୋସନୀ ରାଣୀ ଖମାରୀ।

### ଅବସରପ୍ରାପ୍ତ ଶିକ୍ଷକ ରାମଭକ୍ତ ମେହେରଙ୍କ ପରଲୋକ

ସମ୍ବଲପୁର,୧୯।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଗିରିପାଲି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରାମଭକ୍ତ ମେହେରଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ଶନିବାର ମନ୍ଦଲିଆସ୍ଥିତ ରାଜଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏକମାତ୍ର ପୁଅ ରଥୀନ୍ଦ୍ର ମେହେର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନି ସୁବାସିନୀ ମେହେର ଏବଂ ପୁଅ ଝିଅ ଉପସ୍ଥିତ ଥିଲେ। ସେ ୨୦୨୨ ମସିହାରୁ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ୧୯୯୫ ରୁ ୨୦୦୬ ମସିହା ପର୍ଯ୍ୟନ୍ତ ସେ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ଶିକ୍ଷକତା କରିଥିଲେ। ୨୦୦୬ରେ ପଦୋନ୍ନତି ପାଇ ଗିରିପାଲି ହାଇସ୍କୁଲକୁ ବଦଳି ହୋଇ ଯାଇଥିଲେ। ବରଗଡ ଜିଲା କାଦୋବାହାଲର ମୂଳ ବାସିନ୍ଦା ମେହେର ସମ୍ବଲପୁରର କୁମ୍ଭାରପଡାଠାରେ ସ୍ଥାୟୀ ଭାବେ ରହୁଥିଲେ। ତାଙ୍କର ପରଲୋକରେ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ପୂର୍ବତନ ଶିକ୍ଷକ ଅଚ୍ୟୁତାନନ୍ଦ ପଟେଲ, ପ୍ରହ୍ଲାଦ ସାହୁ, ଦାଶରଥୀ ସାହୁ, ବିହାରୀଲାଲ ମହାନ୍ତି, ସିବିଲ ନାୟକ ଶୋକପ୍ରକାଶ କରିଛନ୍ତି।



### ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ପ୍ରସ୍ତୁତି

ଦେବଗଡ଼,୧୯।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲାପାଳଙ୍କ ବିକାଶ ଭବନଠାରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତିଙ୍କ ଆବାହନ କ୍ରମେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଓଡ଼ିଶା ସରକାର ଦ୍ୱାରା ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀରେ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ୫ ହଜାର ଲେଖାଏଁ ଅର୍ଥ ରାଶି ମିଳିବ ବୋଲି ଜିଲ୍ଲାପାଳ ସାହୁ ଆଲୋକପାତ କରିଥିଲେ। ପରିବାରରେ ୨ଲକ୍ଷ ୫୦ ହଜାରରୁ କମ ଆୟ ଥିବା ଛାତ୍ରୀଛାତ୍ରଙ୍କୁ ଏହି ସୁବିଧା ମିଳିବ। ବୈଠକରେ ପିଏ ଆଇଟିଡିଏ ସନ୍ଧ୍ୟା ମାଝୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଦେବଗଡ଼ର ୫ ଜଣଙ୍କୁ ସଫଳତା


ପରିପୂର୍ଣ୍ଣା ଦେବୀ


ମୁକେଶ ଭୋଇ


ଭାନୁ ପ୍ରତାପ ମାଝୀ

ଦେବଗଡ଼,୧୯।୧୦(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଦେବଗଡ଼ ଜିଲାର ମୋଟ ୫ ଜଣ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦେବଗଡ ପୌରାଞ୍ଚଳ ୫ନମ୍ବର ୱାର୍ଡ ଘୋଡାଶାଳର ୱାସିମ ଅହମ୍ମଦ (ର୍‍ୟାଙ୍କ ୧୫୯), ତିଲେଇବଣି ବ୍ଲକ ହେଟଖମାର ଗ୍ରାମର ମୁକେଶ ଭୋଇ(ର୍‍ୟାଙ୍କ ୩୧୧), ତିଲେଇବଣି ବ୍ଲକ କଂସର ଗ୍ରାମର ଭାନୁ ପ୍ରତାପ ମାଝୀ(ର୍‍ୟାଙ୍କ ୩୯୦), ଦେବଗଡ ପୌରାଞ୍ଚଳ ୧୧ ନମ୍ବର ୱାର୍ଡ ମହୁଲଡିପା ସାହିର ଓମ ପ୍ରକାଶ ବେହେରା(ର୍‍ୟାଙ୍କ ୩୯୯) ଓ ଦେବଗଡ ପୌରାଞ୍ଚଳ ପ୍ରଧାନ ସାହିର ପରିପୂର୍ଣ୍ଣା ଦେବୀ(ର୍‍ୟାଙ୍କ-୫୫୬) ରହି କୃତକାର୍ଯ୍ୟ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଦେବଗଡ ପୌରାଞ୍ଚଳର ୱାସିମ ଅହମ୍ମଦ ଓ ମହୁଲଡିପା ସାହିର ଓମ ପ୍ରକାଶ ବେହେରାଙ୍କ ଘରକୁ ଯାଇ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


ୱାସିମ ଅହମ୍ମଦ


ଓମ୍ ପ୍ରକାଶ ବେହେରା

# ଭାଙ୍ଗିଯାଇଛି ଡ୍ରେନ୍, ରାସ୍ତାରେ ନର୍ଦ୍ଦମା ପାଣି

ସମ୍ବଲପୁର,୧୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ମଧ୍ୟସ୍ଥଳରେ ଅବସ୍ଥିତ ୱାର୍ଡ ନଂ ୨୫ ଠେଲକୋପଡ଼ାବାସୀ ବର୍ଷତମାମ ନାଳନର୍ଦ୍ଦମାର ଅପରିଷ୍କାର ପାଣିରେ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ଥିବା ଡ୍ରେନ୍ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଛି। ଫଳରେ ଅବରୋଧ ହୋଇ ଡ୍ରେନର ଉଚ୍ଛୁଳା ନର୍ଦ୍ଦମା ପାଣି ରାସ୍ତାରେ ଭାସି ପଡ଼ାବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବର୍ଷାଧିକ କାଳ ଏହି ସମସ୍ୟା ଲାଗି ରହିଥିଲେ ହେଁ କୌଣସି ପ୍ରତିକାର କରାଯାଉନାହିଁ। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ମୁଦିପଡ଼ା ପାଣିଟାଙ୍କି ଛକରୁ ଠେଲକୋପଡ଼ା ଦେଇ ସୁଇମିଂପୁଲ ଛକକୁ ସଂଯୋଗୀକରଣ ରାସ୍ତା ପାର୍ଶ୍ୱସ୍ଥ ଡ୍ରେନ୍ ନିୟମିତ ସଫେଇ ହେଉନାହିଁ। ଏହାସହ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଉକ୍ତ ଡ୍ରେନ୍‌ର ମରାମତି କରାଯାଉନାହିଁ। ଏପରିକି ଏହି ଡ୍ରେନ୍ ଉପରେ ହୋଇଥିବା ଅସ୍ଥାୟୀ ନିର୍ମାଣକୁ ଉଚ୍ଛେଦ କରାଯାଉ ନ ଥିବାରୁ ସଠିକ୍ ଭାବେ ନର୍ଦ୍ଦମା ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଡ୍ରେନ୍‌ରୁ ଉଛୁଳି ନର୍ଦ୍ଦମା ଜଳ ରାସ୍ତା ଉପରେ ଭାସୁଛି। ସେହିପରି ଏହି ଡ୍ରେନ ସଂଯୋଗ ହୋଇଥିବା ମୁଦିପଡ଼ା ଛକ-ଲକ୍ଷ୍ମୀ ଟକିଜ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ମଧ ରକ୍ଷଣାବେକ୍ଷଣ ଅଭାବରୁ ସୁଇମିଂପୁଲ ଛକ ନିକଟରେ ଭାଙ୍ଗି ଯାଇ ଜଳ ନିଷ୍କାସନରେ ବାଧକ ସାଜିଛି। ଅପରପକ୍ଷରେ ଦୀର୍ଘଦିନ ଧରି ଡ୍ରେନ୍‌ରେ ନର୍ଦ୍ଦମା ଜଳ ଜମିରହି ମଶା ବଂଶବୃଦ୍ଧିରେ ସହାୟକ ହେଉଛି। ଏହାକୁ ନେଇ ପଡ଼ାବାସୀ ଅତିଷ୍ଠ ହୋଇ ପଡ଼ିଲେଣି। ଏହି ରାସ୍ତା ସହର ମଧ୍ୟରୁ ଡାକ୍ତରଖାନା, ଜିଏମ୍ ବିଶ୍ୱବିଦ୍ୟାଳୟ, ମୁଦିପଡ଼ା, ପାଣିଟାଙ୍କି ଓ ମୁଦିପଡ଼ା ହସ୍ପିଟାଲପଡ଼ା, ଦେଉଳବନ୍ଧ, ବହିଦାରବନ୍ଧ ଆଦି ଅଞ୍ଚଳରୁ ଗୋଲବଜାର, ଲକ୍ଷ୍ମୀ ଟକିଜ, ଜିଲାପାଳ କାର୍ଯ୍ୟାଳୟ ଆଦିକୁ ଯିବା ପାଇଁ ଏକ ମୁଖ୍ୟମାର୍ଗ ଭାବେ ବ୍ୟବହୃତ ହୋଇଥାଏ। ମାତ୍ର ରାସ୍ତା ଉପରେ ନର୍ଦ୍ଦମା ଜଳ ଭାସିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ସମ୍ବଲପୁରକୁ ମ୍ୟାଲେରିଆ ଓ ଫାଇଲୋରିଆମୁକ୍ତ ସହରରେ ପରିଣତ କରିବା ଲକ୍ଷ୍ୟରେ ମହାନଗର ନିଗମ ପକ୍ଷରୁ ପ୍ରତି ଶୁକ୍ରବାର 'ଡ୍ରାଏ-ଡେ' ପାଳନ କରାଯାଉଛି। ମାତ୍ର ଠେଲକୋପଡ଼ାର ଏଭଳି ସ୍ଥିତି ସହରରୁ ମଶା ବଂଶ ଲୋପ ପାଇଁ ମହାନଗର ନିଗମର ଯୋଜନା ଲକ୍ଷ୍ୟଚ୍ୟୁତ ହେବା ଆଶଙ୍କା ସୃଷ୍ଟି କରିଛି। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ଗତ ଶୁକ୍ରବାର ସେ ଠେଲକୋପଡ଼ା ପରିଦର୍ଶନ କରିଥିଲେ। ସ୍ଥିତି ଅନୁଧ୍ୟାନ ପରେ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ନିଷ୍ପତ୍ତି ନିଆଯାଇଛି। ମୁଦିପଡ଼ା-ଲକ୍ଷ୍ମୀ ଟକିଜ୍ ଛକ ରାସ୍ତାପାର୍ଶ୍ୱରେ ନୂତନ ଭାବେ ନିର୍ମାଣ ହେଉଥିବା ମୁଖ୍ୟଡ୍ରେନ୍‌ରେ ଏହାକୁ ସଂଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। ମାତ୍ର ଉକ୍ତ ଡ୍ରେନ୍ ନିର୍ମାଣ ନ ହେବା ପର୍ଯ୍ୟନ୍ତ ତୁରନ୍ତ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଉକ୍ତ ରାସ୍ତାର ଅପରପାର୍ଶ୍ୱରେ ସୁଇମିଂପୁଲ ନିକଟସ୍ଥ ମୁଖ୍ୟ ଡ୍ରେନ୍‌ରେ ସଂଯୋଗ କରି ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।


ଠେଲକୋପଡ଼ା ରାସ୍ତାରେ ନର୍ଦ୍ଦମା ଜଳ।

**ଅପରିଷ୍କାର ପରିବେଶରେ ରହୁଛନ୍ତି ଠେଲକୋପଡ଼ାର ବାସିନ୍ଦା**

